ତିନି ମାସ ପାଇଁ ବାସନ୍ଦ ହେଲେ
ପୃଷ୍ଠା-୭




EXPRESSES THE TRUTH

# ଓଡ଼ିଶା ସନ୍ଦେଶ

ODISHA SANDESH

Weekly
ସାପ୍ତାହିକ

ପ୍ରକାଶ କରେ କେବଳ ସତ୍ୟ
/Odisha Sandesh
Website : www.odishasandesh.in
E-mail:odishasandesh.news@gmail.com

RNI NO : ODIODI/2006/19914

ପ୍ରତିଷ୍ଠାତା: ହରେନ୍ଦ୍ର କିଶୋର ଦାସ



ପୃଷ୍ଠା-୬ ଶରୀରକୁ ଫିଟ୍ ରଖିବା ପାଇଁ କଦଳୀ

● ବର୍ଷ- ୧୬ ● ସଂଖ୍ୟା-୪୧ ● ଭୁବନେଶ୍ୱର ● ଜୁଲାଇ ୪-୧୦,୨୦୨୨ ● ପୃଷ୍ଠା -୮ ● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 41 ●Bhubaneswar ● July 4-10, 2022 ● Page- 8 ● ₹ .3.00

## ଦୁବାଇ ଇନଭେଷ୍ଟର୍ସଙ୍କ ସହ ନବୀନଙ୍କ ଆଲୋଚନା









ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଦୁବାଇରେ ଆୟୋଜିତ ଇନଭେଷ୍ଟର୍ସ ମିଟ୍ ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ ପୁଂଜି ନିବେଶ ନେଇ ବିଭିନ୍ନ ନିବେଶକମାନଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସୂଚନା ଦେଇଛନ୍ତି ଯେ ସେ ଓଡ଼ିଶାରେ ନିବେଶ ନେଇ ସରାଫ ଗ୍ରୁପ୍ ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି। ସରାଫ ➲ପୃଷ୍ଠା-୭ ଦେଖନ୍ତୁ



ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଉଥିବା 'ଉତ୍କଳ ପ୍ରସଙ୍ଗ'କୁ ଉନ୍ମୋଚନ କରୁଛନ୍ତି ରାଜ୍ୟପାଳ ଡଃ ଗଣେଶୀ ଲାଲ୍,ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୂଚନା ଏବଂ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଅଛନ୍ତି ।

## ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଡିଜିଟାଲ ବଜେଟ୍ ପ୍ରଦାନ କଲେ ଅର୍ଥମନ୍ତ୍ରୀ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ପୂର୍ବରୁ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଡିଜିଟାଲ ବଜେଟ୍ ପ୍ରଦାନ କରିଛନ୍ତି। ➲ପୃଷ୍ଠା-୭ ଦେଖନ୍ତୁ






## ଓଡ଼ିଶାର ପ୍ରଗତିଶୀଳ, ଗରିବ ଲୋକଙ୍କ ବଜେଟ୍ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚଳିତ ଥରର ବଜେଟ୍ ପ୍ରଗତିଶୀଳ, ବିକାଶଭିମୁଖୀ ଓ ଗରିବ ଲୋକଙ୍କ ବଜେଟ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶନିବାର ଦିନ ବିଧାନସଭାରେ ଉପସ୍ଥାପିତ ୨୦୨୨-୨୩ ବର୍ଷର ବଜେଟ ଉପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ସେ କହିଛନ୍ତି ଯେ ଚଳିତ ବଜେଟର ପରିମାଣ ୨ ଲକ୍ଷ କୋଟିକୁ ବଢିଛି । କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦରେ ଖର୍ଚ୍ଚ ହେବ ୧ ଲକ୍ଷ କୋଟି। ବଜେଟରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ଉନ୍ନତମାନର ଶିକ୍ଷା, ସ୍କୁଲ ରୂପାନ୍ତରଣ, ଜୀବନ , ଜୀବିକା ,ମହିଳା ଶସକ୍ତିକରଣ, ଭିତିଭୂମି ବିକାଶକୁ ଅଗ୍ରାଧିକାର ମିଳିଛି। ରାଜ୍ୟର ଅଭିବୃଦ୍ଧି ହାରକୁ ଦୃତ ଗତିରେ ଆଗକୁ ନେବାକୁ ପୁଞ୍ଜି ବ୍ୟୟକୁ ସରକାର ୫୬ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ମିଶନ ଶକ୍ତି ପାଇଁ ୨ହଜାର କୋଟିର ସ୍ୱତନ୍ତ୍ର ➲ପୃଷ୍ଠା-୭ ଦେଖନ୍ତୁ

## କୃଷି ଓ କୃଷକ ସଶକ୍ତିକରଣ ଆମ ସରକାରର ପ୍ରଥମ କର୍ତ୍ତବ୍ୟ: ରଣେନ୍ଦ୍ର



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମେତ ଆପିକଲ, ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ ସଂପର୍କରେ ଏକ ସମୀକ୍ଷା ବୈଠକ କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଯୋଜନାର ଅଗ୍ରଗତି ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ ।

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକର ଜିଲ୍ଲାୱାରୀ ଧାର୍ଯ୍ୟ ଲକ୍ଷ୍ୟ ଓ ସଫଳତାର ହାରର ବିବରଣୀ ଏବଂ ଅପ୍ରେଲରୁ ଜୁନ୍ ୨୦୨୨ ପର୍ଯ୍ୟନ୍ତ ତ୍ରୈମାସିକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ➲ପୃଷ୍ଠା-୭ ଦେଖନ୍ତୁ



ପବିତ୍ର ରଥଯାତ୍ରା ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୨ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଆଧାତ୍ମ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-25
OIPR: 15001/13/0075/2223



ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପରିଚୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟବାସୀ ତଥା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ବିଶ୍ୱବାସୀଙ୍କ ମଙ୍ଗଳ ହେଉ, ବିଶ୍ୱନିୟନ୍ତାଙ୍କ ପାଖରେ ଏହାହିଁ ମୋର ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-25
OIPR: 15001/13/0075/2223




ପବିତ୍ର ରଥଯାତ୍ରା ଶ୍ରୀଗୁଣ୍ଡିଚା ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଶ୍ରୀଗୁଣ୍ଡିଚା ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଓଡ଼ିଶା ତଥା ସାରା ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରୁଛି ।

ଦୀର୍ଘ ଦୁଇ ବର୍ଷ ପରେ ମହାପ୍ରଭୁ ଆଜି ଭକ୍ତମାନଙ୍କ ଗହଣରେ ଗୁଣ୍ଡିଚା ଯାତ୍ରା ଆରମ୍ଭ କରିଛନ୍ତି ।

ମୋର ଅନୁରୋଧ ଆପଣମାନେ ମାସ୍କ ପରିଧାନ କରି ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରାରେ ଭାଗ ନିଅନ୍ତୁ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ ।

— ଜୟ ଜଗନ୍ନାଥ । —

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-25
OIPR: 15001/13/0075/2223

### ତାଳଚେରରେ ୨ଟି କେନ୍ଦ୍ରୀୟ ବିଦ୍ୟାଳୟର ଶୁଭାରମ୍ଭ ସହ ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜନ କଲେ କେନ୍ଦ୍ରମନ୍ତ୍ରୀ

# ତାଳଚେରର ବିକାଶକୁ ବାଧାପ୍ରାପ୍ତ କରନାହିଁ : ଧର୍ମେନ୍ଦ୍ର



ତାଳଚେର/ଅନୁଗୋଳ, (ସଂଦେଶ ବ୍ୟୁରୋ): ମୋତେ ଯେତେ ଗାଳି ଦେଇପାର କିନ୍ତୁ ତାଳଚେରର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବା ଅନୁଚିତ୍ ବୋଲି ଗୁରୁବାର ତାଳଚେରରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟର ଶୁଭାରମ୍ଭ ସହ ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ରଥଯାତ୍ରାର ଗୋଟିଏ ଦିନ ଅବ୍ୟବହିତ ପୂର୍ବରୁ ଶୈଳ ଶ୍ରୀକ୍ଷେତ୍ର ଅନୁଗୋଳ ଜିଲ୍ଲା ତାଳଚେର ସ୍ଥିତ ଜଗନ୍ନାଥ ଏରିଆ ଓ ସୁଭଦ୍ରା ଏରିଆ ଠାରେ ମହାନଦୀ କୋଲ ଫିଲଡ(ଏମସିଏଲ)ର ଗୋଟିଏ ଲେଖାଁଏ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭାରମ୍ଭ କରିଛନ୍ତି। ଏହାସହ ଜଗନ୍ନାଥ ଏରିଆରେ ଗୋଟିଏ କେଭିର ନୂତନ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଭୂମିପୂଜନ ମଧ୍ୟ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଅନୁଗୋଳ ତାଳଚେରର କୋଇଲା ଦ୍ୱାରା କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷର ଲୋକମାନେ ଉପକୃତ ହୋଇଥା'ନ୍ତି। ଓଡ଼ିଶା ଓ ଦେଶର ଅର୍ଥନୀତି ମଧ୍ୟ ସୁଦୃଢ଼ ହୁଏ। ମାତ୍ର ଏଠାରେ ସମୟ ସମୟରେ ପ୍ରତିବାଦ କରାଯିବା ବେଳେ କୋଇଲା ଖଣି ଓ କଳକାରଖାନାକୁ ବନ୍ଦ ରଖାଯିବା ଚିନ୍ତାଜନକ। ହଠାତ୍ କୋଇଲା ଖଣି ବନ୍ଦ ହେବା ଫଳରେ ଶ୍ରମିକ ଓ କର୍ମଚାରୀମାନଙ୍କ ଦରମା ପ୍ରଭାବିତ ହୋଇଥାଏ। ଏହା ଦ୍ୱାରା ବିଦ୍ୟୁତ ଉତ୍ପାଦନରେ ବ୍ୟାଘାତ ଘଟିବା ସହ ସମଗ୍ର ଭାରତବର୍ଷ କ୍ଷତି ହୋଇପାରେ। ସେହିପରି ଅନେକ ସମୟରେ ପ୍ରତିବାଦ କାରଣରୁ କୋଇଲା ଖଣି ବନ୍ଦ ହେବା କାରଣରୁ ତାଳଚେର ଅଂଚଳ ଶ୍ରୀହୀନ ହେବାର ଆଶଙ୍କା ରହିଛି। ତେଣୁ ଦେଶର ହିତ ପାଇଁ ପ୍ରତିବାଦ ନ କରିବା ପାଇଁ ସବୁ ରାଜନୈତିକ ଦଳ ଓ ସଂଗଠନକୁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ମୋତେ ଗାଳି କରିପାର କିନ୍ତୁ ସମସ୍ତେ ବିକାଶରେ ବାଧା ଦେବା ଅନୁଚିତ୍। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ଉଚିତ୍। ପ୍ରତିବାଦ ସମୟରେ ସାମୟିକ ଭାବେ ଏଠାକାର କୋଇଲା ଖଣି ଓ କଳକାରଖାନା ବନ୍ଦ କରାଯିବା ଅନୁଚିତ୍ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

# ଗୋପବନ୍ଧୁ ଥିଲେ ସେବା ଓ ଆଦର୍ଶର ପ୍ରତୀକ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଉତ୍କଳ ସମ୍ମିଳନୀର ପୁର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ପୁର୍ବତନ ସାଂସଦ ତଥାଗତ ଶତପଥୀ ଓ ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ପରେ ପରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସେବା ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବକ୍ତା ମାନେ କହିଥିଲେ। ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ବିଚିତ୍ରାନନ୍ଦ ସାହୁ, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସୁବ୍ରତ ମହାପାତ୍ର, ସମ୍ପାଦକ ଗୋବିନ୍ଦ ସୁବୁଦ୍ଧି, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ବରିଷ୍ଠ ସଦସ୍ୟ ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ଅକ୍ଷୟ କୁମାର ଜେଠୀ, ସମରଞ୍ଜନ ମହାନ୍ତି, ଦିପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ ଓ ରାମ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ସାମ୍ବାଦିକ ଅଶୋକ ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରକାଶ କଲେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ସଡକ ଦୁର୍ଘଟଣାରେ ଅକାଳ ବିୟୋଗ ହୋଇଥିବା ଖବର ପାଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କର ଅକାଳ ବିୟୋଗ ସାମ୍ବାଦିକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ଶ୍ରୀ ଅମାତ ।



# ମର୍ମନ୍ତୁଦ ସଡକ ଦୁର୍ଘଟଣା, ପ୍ରାଣ ହରାଇଲେ ଏସଡିଜେଏମ୍



କରଞ୍ଜିଆ,(ସଂଦେଶ ବ୍ୟୁରୋ): ସଡକ ଦୁର୍ଘଟଣାରେ ପ୍ରାଣ ହରାଇଲେ ରାଇରଙ୍ଗପୁର ଏସଡିଜେଏମ । ଗୁରୁବାର ସନ୍ଧ୍ୟାରେ ଏକ ଭୟଙ୍କର କାର୍ ଦୁର୍ଘଟଣା ରାଇରଙ୍ଗପୁର ଏସଡିଜେଏମ ସ୍ମରଣିକା ପ୍ରଧାନଙ୍କ ମୃତ୍ୟୁ ଘଟିଛି । ଯଶିପୁର ମେଡିକାଲରେ ଏସଡିଜେଏମଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର । ସୂଚନା ଅନୁଯାୟୀ, ଏସଡିଜେଏମ ସ୍ମରଣିକା ପ୍ରଧାନ ସ୍ୱାମୀଙ୍କ ସହ ଗାଡିରେ ରାଇରଙ୍ଗପୁରରୁ କରଞ୍ଜିଆ ଦେଇ ଘର ଚିଲିକା ଅଭିମୁଖେ ଯାଉଥିବା ବେଳେ ଯଶିପୁର ଚାଇଁନେବଦା ଛକ ନିକଟରେ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଗାଡିଟି ଓଲଟି ପଡିଥିଲା ।ଦୁର୍ଘଟଣାପରେ ଜଣାପଡିଥିଲା ଯେ, ରାଇରଙ୍ଗପୁର ଏସଡିଜେଏମ ସ୍ମରଣିକା ପ୍ରଧାନ ଯାଉଥିବା ସମୟରେ ଏଭଳି ଏକ ଅଘଟଣ ଘଟିଛି । ଜଣାପଡିଛି ଯେ, ଗାଡି ନିଜେ ତାଙ୍କ ନିଜ ସ୍ୱାମୀ ଚଳାଉଥିଲେ ସେହି ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା । ମୃତକଙ୍କ ଉପରେ ଦୀର୍ଘ ସମୟ ଧରି ଗାଡି ରହିଥିବାରୁ ମୃତ୍ୟୁ ହୋଇଥିବା ନେଇ କୁହାଯାଉଛି । ସ୍ମରଣିକା ପ୍ରଧାନ ଦୀର୍ଘ ଦେଢ଼ ବର୍ଷ ହେବ ଏସଡିଜେଏମ କୋର୍ଟରେ କାର୍ଯ୍ୟରତ ରହିଥିଲେ ।

# ପୁରୁଣା ଭୁବନେଶ୍ୱରରେ ରଥଯାତ୍ରା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପୁରୁଣା ଭୁବନେଶ୍ୱର ଜମେଶ୍ୱର ପାଟଣାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିନି ଠାକୁର ପରକରଣ ସାହି ନାରାୟଣୀ ମନ୍ଦିରରୁ ବାହାରି ପହଣ୍ଡିରେ ଆସିଥିଲେ। ପରେ ପୂଜାର୍ଚ୍ଚନା କୁନି ପିଲାଙ୍କ ଦ୍ୱରା ଛେରା ପହଁରା ଓ ରଥଟଣା ହୋଇଥିଲା। ରଥ ଜମେଶ୍ୱର ପାଟଣା ସାହିଠାରୁ ରଥ ବାହାରି ତିନି ମୁଣ୍ଡିଆ ଛକ, ଲିଙ୍ଗରାଜ ମନ୍ଦିର ପରିଭ୍ରମଣ କରି ଗଙ୍ଗା ଯମୁନା ମନ୍ଦିର ନିକଟକୁ ଯାଇଥିଲା। କମିଟିର ସଭାପତି କର୍ପୋରେଟର ଶିବ ପ୍ରସାଦ ବେହେରା, ସମ୍ପାଦକ ବସନ୍ତ କୁମାର ସମର୍ଥା ଓ ସଭ୍ୟମାନେ ଉପସ୍ଥିତଥିଲେ।

# ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳିତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ତରଫରୁ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ ଅବସରରେ ୩୦ଟି ଜିଲ୍ଲାର ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳମାନଙ୍କ ଜରିଆରେ ସାତଦଫା ସମ୍ବଳିତ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜଧାନୀ ଶାଖା ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଅନ୍ୟ ରାଜ୍ୟ ଭଳି ପୁରୁଣା ସ୍ଥିରୀକୃତ ପେନସନ ପ୍ରଦାନ କରାଯାଉ, ଇଞ୍ଜିନିୟରିଂ ବିଭାରେ କାର୍ଯ୍ୟରତ ୱାର୍କଚାର୍ଜଡ଼ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦେଇ ସ୍ଥିରୀକୃତ ପୁରୁଣା ପେନସନ ଯୋଜନା ଅନ୍ତର୍ଭୁକ୍ତ କରାଯାଉଳ, କଣ୍ଟ୍ରାକଚୁଆଲ ଓ ଆଉଟସୋର୍ସିଂ କର୍ମଚାରୀମାନଙ୍କ ନିଯୁକ୍ତି ଉପରୁ କଟକଣା ଉଠାଯାଇ ନିଯୁକ୍ତି ପାଇଁ ବିହିତ ନିର୍ଦ୍ଦେଶ ଦିଆଯାଉ, ଖାଲି ଥିବା ପଦବୀ ଗୁଡ଼ିକରେ କଣ୍ଟ୍ରାକଚୁଆଲ, ଆଉଟ ସୋର୍ସିଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ, ଗତ ୧.୧.୨୦୨୨ରିଖଠାରୁ ବକେୟା ଥିବା ସରକାରୀ କର୍ମଚାରୀଙ୍କ ୩ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ କରାଯାଉ, ଗତ ୨୦୧୬ ମସିହାରୁ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସଂଶୋଧିତ ଘରଭଡ଼ା ଅବିଳମ୍ବେ ପ୍ରଦାନ କରିବାକୁ ବିହିତ ଆଦେଶ କରାଯାଉ, ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାସ୍ତରୀୟ ଅମଲାମାନଙ୍କର ପୁନର୍ଗଠିତ ପଦବୀ ସବୁ ଜିଲ୍ଲାସ୍ତରୀୟ ଅଫିସ୍‌ରେ ଲାଗୁ କରାଯାଉ, ପଦବୀ ଅନୁଯାୟୀ ମୁଖ୍ୟ ବିଭାଗ ଅମଲାମାନଙ୍କ ସହିତ ଦରମା ସମୀକରଣ କରାଯାଉ ଏବଂ ରାଜ୍ୟର ଗ୍ରାମାଞ୍ଚଳ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ମାନଙ୍କୁ ସରକାରୀ ଛୁଟି ପ୍ରଦାନ କରାଯାଉ ଏବଂ ତା ସହିତ ଅନୁକମ୍ପା ମୂଳକ ନିଯୁକ୍ତି ଯୋଜନା ଥିବା ଭିନ୍ନ ଭିନ୍ନ କଟକଣା ଗୁଡ଼ିକୁ ପ୍ରତ୍ୟାହାର କରି ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦିଆଯାଉ।

# ଶିକ୍ଷକମାନଙ୍କ ଦରମା ବନ୍ଦ କରିବା ଅଯୌକ୍ତିକର, ଅସାମ୍ବିଧାନିକ: ପ୍ରାଥମିକ ଶିକ୍ଷକ ସଂଘ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ମହାବୀର ନୋଡ଼ାଲ ୟୁପି ବିଦ୍ୟାଳୟର ତୃତୀୟ ଶ୍ରେଣୀ ପିଲାମାନେ ପଣିକିଆ କହିପାରିଲେନି ବୋଲି ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ କରିବା ଘଟଣାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଓଡ଼ିଶା ତୀବ୍ର ନିନ୍ଦା କରିବା ସହିତ ଏହାକୁ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଦର୍ଶାଇଛି। ପିଲାମାନେ ପଣିକିଆ କହି ନପାରିବା ଓ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ନପାରିବା ପାଇଁ ଶିକ୍ଷକ ଦାୟୀ ନୁହଁନ୍ତି, ବରଂ ସରକାର ନିଜେ ଦାୟୀ ବୋଲି ସଂଘ ଯୁକ୍ତି କରିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନିତି ଓ ଆର୍ଥିକ ନିତି ଯୋଗୁ ରାଜ୍ୟରେ ପିଲାମାନେ ମାନସିକ ଅନଗ୍ରସର ଓ ଅଣମେଧାବୀ ହେଉଛନ୍ତି। ସରକାର ସମସ୍ତ ପିଲମାନଙ୍କୁ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଦେଇପାରୁ ନାହାଁନ୍ତି। ଅଭିଭାବକମାନଙ୍କର ଦାରିଦ୍ର୍ୟତା ଦୂର କରିପାରୁ ନଥିବାରୁ ଛାତ୍ରଛାତ୍ରୀମାନେ ମାନସିକ ଅନଗ୍ରସର ହେଉଛନ୍ତି ଓ ମେଧାଶକ୍ତି ହରାଉଛନ୍ତି। ପୁନଶ୍ଚ କରୋନା ଯୋଗୁ ୨ ବର୍ଷ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବାରୁ ପିଲାମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। କରୋନା ପାଇଁ ସରକାର ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା କରିବାରେ ବିଫଳ ହୋଇଛନ୍ତି। ପଣିକିଆ କେଉଁ ଶ୍ରେଣୀର ପାଠ୍ୟକ୍ରମରେ ପଢାଯିବାର ବ୍ୟବସ୍ଥା ଅଛି ବୋଲି ସଂଘ ପ୍ରଶ୍ନ କରିଛି। ଗୋଟିଏ ପଟେ ସରକାର ଘରୋଇ ବିଦ୍ୟାଳୟକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଥିବାରୁ ମେଧାବୀ ପିଲାମାନେ ଘରୋଇ ବିଦ୍ୟାଳୟରେ ପଢୁଛନ୍ତି ଓ ସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ନବୋଦୟ ଓ ଆଦର୍ଶ ବିଦ୍ୟାଳୟରେ ପଢିବାକୁ ସୁଯୋଗ ଦେଉଛନ୍ତି। ବିଦ୍ୟାଳୟରେ ପଢୁଥିବା ସମସ୍ତ ପିଲାମାନଙ୍କ ମେଧାବୀ ଶକ୍ତି ସମାନ ନୁହେଁ। ଅନ୍ୟପଟେ ୭ ବର୍ଷ ଧରି ସରକାର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିନଥିବାରୁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ବିଦ୍ୟାଳୟରେ ନାହାଁନ୍ତି।

# ଦୁର୍ଘଟଣାରେ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ପରଲୋକ



ପୁରୀ,(ସଂଦେଶ ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହୋଇଥିବା ବେଳେ ଚଳଚଞ୍ଚଳ ହୋଇପଡିଛି ସାରା ଓଡିଶା । ଏହାରି ମଧ୍ୟରେ ସାମ୍ନାକୁ ଆସିଛି ଏକ ଦୁଃଖଦ ଖବର । ଦୁର୍ଘଟଣାରେ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ପରଲୋକ ହୋଇଛି । ପୁରୀ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିବାରୁ ମୃତ୍ୟୁ ହୋଇଥିବା ଜଣାପଡିଛି । କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ବିଭିନ୍ନ ଖବର କାଗଜ ସହ ସଂଶ୍ଲିଷ୍ଟ ଥିଲେ ଅଶୋକ ପଣ୍ଡା । ଖବର ସଂଗ୍ରହ ପାଇଁ ପୁରୀ ଯାଉଥିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ । ପୁରୀ ଯାତ୍ରା ତାଙ୍କ ପାଇଁ ଶେଷ ଯାତଆ ହୋଇଛି । ପୋଲିସ ଏସମ୍ପର୍କରେ ଛାନଭିନ୍ ଆରମ୍ଭ କରିଛି ।

# ୟୁନିଟ୍-୩ ଭୁବନେଶ୍ୱରସ୍ଥିତ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ବନ୍ଦ ହେବନାହିଁ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଶ୍ରୀ ସତ୍ୟସାଇ ଟ୍ରଷ୍ଟରେ ବର୍ତ୍ତମାନ ବାପପୁଅ ରାଜନୀତି ଚାଲିଛି। ବାପା ଟ୍ରଷ୍ଟର ଆବାହକ ପୁଅ ଟ୍ରଷ୍ଟର ସଭାପତି। ସେମାନଙ୍କ ମନୋମୁଖୀ ଶାସନ ସମୟରେ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଯିଏକି ଏକ ବାଳିକା ବିଦ୍ୟାଳୟ, ତାହାକୁ ବନ୍ଦ କରାଯିବାର ପ୍ରଚେଷ୍ଟା କରାଯାଉଛି। ସରକାରଙ୍କୁ ଲିଖିତ ଆକାରରେ ତା ୧୨.୦୪.୨୦୨୨ରିଖରେ ଟ୍ରଷ୍ଟର ଆବାହକ ଶ୍ରୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ କହିଛନ୍ତି ଯେ, ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନିକଟସ୍ଥ ୟୁନିଟ୍-୨ ସରକାରୀ ବାଳିକା ବିଦ୍ୟାଳୟକୁ ସ୍ଥାନାନ୍ତରଣ କରାଯାଉ ଓ ଶିକ୍ଷୟିତ୍ରୀମାନଙ୍କୁ ଅନ୍ୟତ୍ର ପଠାଯାଉ। ଏହା କେତେ ଗ୍ରହଣୀୟ ଏବଂ ଯୁକ୍ତିଯୁକ୍ତ ଜାଣିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧାଜିଲ୍ଲା ଶିକ୍ଷା ମଣ୍ଡାଳଧୀଶ ତାଙ୍କ ସହ ଏଡିଇଓ ଏବଂ ବିଇଓଙ୍କୁ ଧରି ବିଦ୍ୟାଳୟ ପ୍ରାଙ୍ଗଣରେ ଆଜି ୨୮.୦୬.୨୦୨୨ ରିଖରେ ଏକ ବିରାଟ ସଭାର ଆୟୋଜନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଅଭିଭାବକବୃନ୍ଦ, ପରିଚାଳନା କମିଟିର ସଭ୍ୟସଭ୍ୟା, ପୁରାତନ ଛାତ୍ରୀବୃନ୍ଦ ତଥା ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ସମସ୍ତ ଅଭିଭାବକମାନେ ଏକ ସ୍ୱରରେ ବିଦ୍ୟାଳୟର ବନ୍ଦ ପ୍ରସ୍ତାବକୁ ଦୃଢ଼ ବିରୋଧ କରିଥିଲେ। ପରିଚାଳନା କମିଟି ତଥା ଅଭିଭାବକମାନେ ନିଷ୍ପତ୍ତି ନେଇଛନ୍ତି କୌଣସି ପରିସ୍ଥିତିରେ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟକୁ ବନ୍ଦ କରାଯାଇ ପାରିବ ନାହିଁ। ଏ ବାବଦରେ ସ୍କୁଲ୍‌ର ସମସ୍ତ ପିଲାମାନଙ୍କ ଅଭିଭାବକ ଟ୍ରଷ୍ଟକୁ ଚେତାବନୀ ଦେଇଛନ୍ତି ଯେ, ଯଦି ସ୍କୁଲ୍‌କୁ ବନ୍ଦ କରାଯାଏ, ତେବେ ଆଗାମୀ ଦିନରେ ସମସ୍ତ ଅଭିଭାବକଙ୍କ ସହିତ ପିଲାମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ।

# ନିମ୍ନମାନର କାର୍ଯ୍ୟ ଯୋଗୁଁ ଧୋଇଗଲା ପ୍ରକଳ୍ପ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଭୂତଳ ଜଳ ସମସ୍ୟା ଓ ଏହାର ସମାଧାନ ପାଇଁ ସରକାର ଚିନ୍ତାରେ। ଏଥି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବିଭିନ୍ନ ପ୍ରକଳ୍ପ କରାଯାଉଛି। ଏପଟେ ପୁରୁଣା ଭୁବନେଶ୍ୱର ସୁଭଦ୍ରା ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ହୋଇଥିବା ଜଳ ସଂରକ୍ଷଣ ପ୍ରକଳ୍ପ ମାଟିରେ ମିଶିଯାଇଛି। ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏପରି ହୋଇଥିବା ବେଳେ ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ଦେଖିବା ବାକି ରହିଛି। ଏନେଇ ରାଜଧାନୀ ସୁରକ୍ଷା ପରିଷଦ ବିଏମ୍‌ସି, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ପ୍ରକାଶ ଥାଉକି, ଏବେ ରାଜ୍ୟ ଗୁଡ଼ିକର ସବୁଠାରୁ ବଡ଼ ସମସ୍ୟା ହେଲା ଉତ୍କଟ ଜଳ ସଙ୍କଟ। ସରକାରୀ ରିପୋର୍ଟ ଅନୁଯାୟୀ ଅତି କମ୍‌ରେ ୨୫୨ ଜିଲ୍ଲାରେ ଲୋକେ ଜଳାଭାବ ଯୋଗୁଁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନେକ ସ୍ଥାନରେ ପିଇବା ପାଣି ମୁନ୍ଦାଏ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ହେଲେ ଖୋଧ୍ ରାଜଧାନୀରେ ଜଳ ସଂରକ୍ଷଣ ନାମରେ ଦୁର୍ନିତୀ ହୋଇଛି। ପୁରୁଣା ଭୁବନେଶ୍ୱର ସୁଭଦ୍ରା ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ହୋଇଥିବା ଜଳ ସଂରକ୍ଷଣ ୧୦ଟି ପ୍ରକଳ୍ପ ଧୋଇଯାଇଛି। ସେଥିରେ ଲାଗିଥିବା ଇଟା ପାଚେରୀ ଭାଙ୍ଗିବା ସହ ଯୋଡ଼େଇ ଧୋଇଯାଇଛି। ଶତକଡ଼ା ୯୫ଭାଗ ବାଲିରେ ୫ଭାଗ ସିମେଂଟ୍‌ରେ ଏପରି କାମ ହୋଇଛି। ଯାହା ଫଳରେ ସାମାନ୍ୟ ବର୍ଷାରେ ଏହା ଧୋଇଯାଇଛି।

# ଆଦିତ୍ୟ ବିର୍ଲା ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ

ରାୟଗଡା,(ସଂଦେଶ ବ୍ୟୁରୋ): ଗତ ୨୯ତାରିଖ ବୁଧବାର ଦିନ ରାୟଗଡା ଜିଲ୍ଲା ଅନ୍ତର୍ଗତ କାଶୀପୁର ବ୍ଲକ ଅଧୀନ ଉସାପଡା ସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟ ର ଅଧକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ଦାସ ଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ , ସାମାଜିକ ବିଜ୍ଞାନ ଓ ଗଣିତ ଆଦି ବିଷୟ କୁ ନେଇ ଏକ ପ୍ରଦର୍ଶନୀ ମେଳା ଆୟୋଜନ ହୋଇଥିଲା । ଉତ୍କଳ ଆଲୁମିନାର ୟୁନିଟ ହେଡ ତଥା ବିଦ୍ୟାଳୟ ପରିଚାଳନା କମିଟିର ମୁଖ୍ୟ ଶ୍ରୀଯୁକ୍ତ ମଜହର ବେଗ ଙ୍କ କରକମଳରେ ଏହି ପ୍ରଦର୍ଶନୀ ମେଳା ଉଦ୍ଘାଟିତ ହୋଇଯାଇଅଛି । ସମ୍ମାନିତ ଅତିଥି ଭାବରେ ଉଜ୍ଜ୍ୱଳ ଉତ୍କଳ ର ସଭାନେତ୍ରୀ ଶ୍ରୀମତୀ ହିନା ବେଗ , ଉତ୍କଳ ଆଲୁମିନାର ମାନବସମ୍ବଳ ବିକାଶ ମୁଖ୍ୟ ଶ୍ରୀଯୁକ୍ତ ରାକେଶ ପ୍ରତାପ ସିଂହ , ସି. ଏସ. ଆର. ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଉତ୍କଳ ଆଲୁମିନାର ଅର୍ଥ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ସୁଧାକର ବିଶ୍ୱାଳ ଯୋଗଦେଇଥିଲେ । ଦୁଇଶହ ଜଣ ଛାତ୍ରଛାତ୍ରୀ ଙ୍କୁ ନେଇ ଆୟୋଜିତ ଏହି ପ୍ରଦର୍ଶନୀରେ ବିଜ୍ଞାନ ବିଭାଗ ର ୩୯ ଟି, ସାମାଜିକ ବିଜ୍ଞାନ ବିଭାଗର ୩୩ ଟି ଓ ଗଣିତ ବିଭାଗର ୨୬ ଗୋଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା ।




ସେରମ୍ ଇନଷ୍ଟିଚ୍ୟୁଟର ଅଧକ୍ଷ ଶ୍ରୀ ପ୍ରକାଶ ସିଂ ତାଙ୍କ ଦ୍ୱାରା ଲିଖିତ "ଦ ସିଲ୍ଡ କୋଭିସିଲ୍ଡ" ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ରାଜ୍ୟ ବିଧାନସଭା ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଓଡ଼ିଶା ବିଧାନସଭା ପକ୍ଷରୁ ପୂଣ୍ୟାମବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ୍ ବିଧାନସଭା ପରିସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଦରିଦ୍ର ଜନତାର ବନ୍ଧୁ, ବନ୍ୟା ପ୍ରପୀଡ଼ିତ ଓଡ଼ିଶାବାସୀଙ୍କ ସମର୍ପିତ ସେବକ, ବିଶିଷ୍ଟ କବି ପଣ୍ଡିତ ଗୋପବନ୍ଧୁ ଓଡ଼ିଶାବାସୀଙ୍କ ହୃଦୟର ମଣିଷ ଥିଲେ ବୋଲି ବାଚସ୍ପତି ଶ୍ରୀ ଆରୁଖ୍ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାନସଭା ସଚିବ ଦାଶରଥୀ ଶତପଥୀ ଓ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ରହି ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ବିଧାନସଭା ଖବର

## ବିଜେଡ଼ି ବିଧାୟକ ଦଳ ବୈଠକ

## ଦ୍ରୌପଦୀଙ୍କୁ ସମର୍ଥନ ଦେବାକୁ ନିବେଦନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିଧାନସଭାର ସମ୍ମିଳନୀ କକ୍ଷରେ ବିଜେଡ଼ି ବିଧାୟକ ଦଳ ବୈଠକ ବସିଥିଲା। ଭିଡ଼ିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀନୀ ହୋଇଥିବାରୁ ତାହା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତାଙ୍କୁ ସମସ୍ତେ ସମର୍ଥନ ଦେବାକୁ ସେ ନିବେଦନ କରିଥିଲେ । ଦୁବାଇରେ ନିବଶେକ ସମ୍ମିଳନୀରେ ସଫଳତା ସଂପର୍କରେ ଶ୍ରୀ ପଟ୍ଟନାୟକ ସମ୍ୟକ ସୂଚନା ଦେଇଥିଲେ । ଏଥିପାଇଁ ବିଧାୟକମାନେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ବିରୋଧୀ ଦଳର ସଭ୍ୟମାନେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଯେଉଁ ପ୍ରସଙ୍ଗ ଉଠାଇବେ, ତାହାକୁ ସାମ୍ନା କରି ଉତ୍ତର ରଖିବାକୁ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ।

## ବିଜେପି ବିଧାୟକ ଦଳ ବୈଠକ

## ରାଜ୍ୟ ଏବଂ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟା ହେଉଛି ମୁଖ୍ୟ ପ୍ରସଙ୍ଗ : ମୋହନ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ। ଚାଷ, ବିଜୁଳି ସମସ୍ୟା, ଜଳସେଚନ, ହାତୀ ମୃତ୍ୟୁ, ବେକାରୀ ଓ ବେରୋଜଗାର, ଦାଦନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା, ଶିଶୁ ମୃତ୍ୟୁହାର ରୋକ ସମେତ ସମସ୍ତ କ୍ଷେତ୍ରରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର । ଦାରିଦ୍ର୍ୟ କ୍ଷେତ୍ରରେ ଓଡ଼ିଶା ତୃତୀୟ ନମ୍ବରରେ ରହିଛି କିନ୍ତୁ ୨୫ବର୍ଷ ଶାସନରେ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ମିଥ୍ୟା ସ୍ୱପ୍ନ ଦେଖାଇ ଭଣ୍ଡାଉଛନ୍ତି। ବିଦେଶ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ପୁଞ୍ଜିର ବିକାଶ କରିବେ ବୋଲି ଓଡ଼ିଶାବାସୀଙ୍କୁ ଯେଉଁ କାହାଣୀ ଶୁଣାଇଛନ୍ତି ତାହାକୁ ନେଇ ବିଜେପି ବିଧାନସଭାରେ ପ୍ରଶ୍ନ ଉଠାଇବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀ ମୋହନ ମାଝୀ କହିଛନ୍ତି ।

ମୌସୁମୀ ବିଧାନସଭା ଅଧିବେସନ ଆରମ୍ଭ ହେବା ପୂର୍ବରୁ ବିଜେପି ବିଧାୟକ ଦଳ ବୈଠକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଏବଂ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରାଯିବ । ରାଜ୍ୟରେ ଉତ୍ପାଦିତ ବିଜୁଳିକୁ ଅନ୍ୟ ରାଜ୍ୟମାନଙ୍କୁ କମ୍ ଦରରେ ବିକ୍ରି କରି ରାଜ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଧିକ ଦରରେ କିଣି ରାଜ୍ୟବାସିଙ୍କ ଉପରେ ବିଜୁଳି ବୋଝ ଲଦି ଦେଉଛନ୍ତି ରାଜ୍ୟ ସରକାର। ରାଜ୍ୟର ୯୨ଲକ୍ଷ ବିଦ୍ୟୁତ ଉପଭୋକ୍ତାଙ୍କୁ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର । ବିଜୁଳି ଉତ୍ପାଦନ କ୍ଷେତ୍ରରେ ଓଡିଶା ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ବିଜୁଳି ଦର ବହୁ ଅଧିକ ।

# ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଶନିବାର ଠାରୁ ଆରମ୍ଭ ହୋଇଛି ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ। ଆଜି ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏଁ ଚାଲିବ। ଚଳିତ ମୌସୁମୀ ଅଧିବେଶନରେ ସମୁଦାୟ ୨୪ଟି କାର୍ଯ୍ୟ ଦିବସ ରହିଛି। ଜୁଲାଇ ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୨ରୁ ୬ ତାରିଖ ଯାଏ ଗୃହ ଚାଲିବ। ଜୁଲାଇ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ୧୩ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏ ଚାଲିବ। ବାଚସ୍ପତି ଭାବେ ବିକ୍ରମ କେଶରୀ ଆରୁଖ ପ୍ରଥମ ଥର ପାଇଁ ଗୃହ ପରିଚାଳନା କରୁଛନ୍ତି । ଅଧିବେଶନ ପୂର୍ବରୁ ଗତ ବୁଧବାର ଦିନ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ଥର କୋଭିଡ୍ କଟକଣା ମଧ୍ୟରେ ବିଧାନସଭାର ଗୃହ କାର୍ଯ୍ୟ ୫ ଘଣ୍ଟା ପରିବର୍ତ୍ତେ ୬ ଘଂଟା ଯାଏ ଚାଲିବ ବୋଲି ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରା ଯାଇଥିଲା ।

# ନୁପୂର ଶର୍ମାଙ୍କ ବକ୍ତବ୍ୟକୁ ନେଇ କଂଗ୍ରେସ ଓ ବିଜେପି ମୁହାଁମୁହିଁ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବିଜେପିର ପୂର୍ବତନ ପ୍ରବକ୍ତା ନୁପୂର ଶର୍ମାଙ୍କ ବକ୍ତବ୍ୟ ଓ ଏହାକୁ ନେଇ ସୁପ୍ରିମ କୋର୍ଟ ଦେଇଥିବା ମନ୍ତବ୍ୟକୁ ନେଇ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ଏହାକୁ ନେଇ ବାଚସ୍ପତିଙ୍କୁ ଗୃହ ବାରମ୍ବାର ମୁଲତବୀ ରଖିବାକୁ ପଡିଥିଲା । ଶେଷରେ ବାଚସ୍ପତି ଗୃହକୁ ୧୨.୪୬ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ । ପ୍ରଶ୍ନକାଳ ପରେ ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇଥିଲେ । ସେ ବିଜେପିର ପ୍ରବକ୍ତା ନୁପୂର ଶର୍ମା ଦେଇଥିବା ବକ୍ତବ୍ୟ ପରେ ସୁପ୍ରିମକୋର୍ଟ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ଉଲ୍ଲେଖ କରି କେନ୍ଦ୍ରର ବିଜେପି ସରକାରଙ୍କୁ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲେ । ବିଜେପି ଦଳର ଉପନେତା ବିଷ୍ଣୁ ସେଠୀ ଏହାର ପ୍ରତିବାଦ କରିଥିଲେ ।

## ଗୃହରେ ୪ ଟି ବିଲ୍ ଉପସ୍ଥାପିତ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବିଧାନସଭାର ପ୍ରଥମ ଦିନରେ ଶନିବାର ଆଇନ୍ ପ୍ରଣୟନ ପାଇଁ ୪ ଟି ବିଲ୍ ଉପସ୍ଥାପିତ ହୋଇଛି। ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ଗୋଟିଏ ବିଲ୍ ଉପସ୍ଥାପନ କରିଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ ୩ ଟି ବିଲ୍ ଉପସ୍ଥାପନ କରିଛନ୍ତି। ଉପସ୍ଥାପତ ହୋଇଥିବା ବିଲ୍ ଗୁଡିକ ହେଲା ଓଡିଶା ବିତୀୟ ଉତରଦାୟୀ ଓ ବଜେଟ୍ ପରିଚାଳନା (ସଂଶୋଧନ) ବିଲ୍ ୨୦୨୨ , ଡ୍ରିମସ୍ ବିଶ୍ୱବିଦ୍ୟାଳୟ ଓଡିଶା ବିଲ୍ ୨୦୨୨ , ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ , ଓଡିଶା (ସଂଶୋଧନ) ବିଲ୍ ୨୦୨୨ ଏବଂ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଓଡିଶା (ସଂଶୋଧନ) ବିଲ୍ ୨୦୨୨ ।

## ପର୍ଯ୍ୟଟନ କ୍ଷେତ୍ର ଗୁଡିକର ଆଶାନୁରୂପ ବିକାଶ ହେଉ ନ ଥିବା ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ):ରାଜ୍ୟରେ ପର୍ଯ୍ୟଟନର ଅସୀମ ସମ୍ଭାବନା ଥିବା ସତ୍ତ୍ୱେ ଏହାର ସଠିକ ବିକାଶ ହେଉ ନାହିଁ । ଫଳରେ ରାଜ୍ୟ ପର୍ଯ୍ୟଟନରୁ ଯେତିକି ଲାଭ ପାଇବା କଥା ସେତିକି ମିଳୁ ନାହିଁ ବୋଲି କହି ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ବିଧାନସଭାରେ ଉଦବେଗ ପ୍ରକାଶ କରିଛନ୍ତି ।

ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହ କାର୍ଯ୍ୟ ସ୍ୱାଭବିକ ଭାବେ ଆରମ୍ଭ ହୋଇଥିଲା । ପର୍ଯ୍ୟଟନର ବିକାଶ ସମ୍ପର୍କିତ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଏକ ପ୍ରଶ୍ନର ଉତର ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦେଇଥିଲେ । ଏହି ପ୍ରଶ୍ନର ଆଲୋଚନା ବେଳେ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ପ୍ରଶ୍ନ କରିଥିଲେ ।

ଏନେଇ ବିଧାୟକ ଦେବୀ ମିଶ୍ର କହିଥିଲେ ଯେ, 'ପର୍ଯ୍ୟଟନ ଭିତ୍ତିଭୂମି କ୍ଷେତ୍ରରେ ରୋଡ଼ମ୍ୟାପକୁ ଆମେ ଠିକଣା ଢଙ୍ଗରେ ଓ ଠିକଣା ସମୟରେ କରି ପାରୁନାହିଁ । ଯେଉଁଥିପାଇଁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଯେମିତି ଅଭିବୃଦ୍ଧି ହେବା କଥା ତାହା ହୋଇ ପାରୁନାହିଁ । ବ୍ୟୟ ବରାଦ ହୋଇଥିବା ଆର୍ଥିକ ରାଶି ଖର୍ଚ୍ଚ ହେଉ ନାହିଁ । ବିଭାଗ ଯେଉଁ କାର୍ଯ୍ୟ କରୁଛି ତାହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି' । ସେହିପରି ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀଙ୍କ କହିଛନ୍ତି ପର୍ଯ୍ୟଟନ କ୍ଷେତ୍ରକୁ ଅବହେଳା କରାଯାଉଛି । ପର୍ଯ୍ୟଟନ ବିକାଶ ଲାଗି ଆନ୍ତରିକତା ନ ଥିବା କାରଣରୁ ରାଜ୍ୟ ଦେଶର ଉତର, ଦକ୍ଷିଣ ଓ ପଶ୍ଚିମ ଭାରତର ରାଜ୍ୟ ମାନଙ୍କ ଠାରୁ ପଛରେ ରହି ଯାଉଛି ବୋଲି କହିଥିଲେ ।

# ରାଜ୍ୟ ବଜେଟ୍‌କୁ ନେଇ ଅସନ୍ତୋଷ ପ୍ରକାଶ କଲେ ବିଜେପି ସଭାପତି



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ବଜେଟକୁ ବିରୋଧାଭାଷ ଓ ବିଭ୍ରାନ୍ତିର ବିକଳ ଦସ୍ତାବିଜ ବୋଲି କହିଛନ୍ତି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି। ରାଜ୍ୟ ବଜେଟର କଳେବର ବୃଦ୍ଧି ପାଇ ଦୁଇ ଲକ୍ଷ କୋଟି ଟଙ୍କାରେ ପହଂଚିଥିବାର ଆସ୍ଫାଳନ କରୁଛନ୍ତି ରାଜ୍ୟ ସରକାର । ମାତ୍ର ବଜେଟ ଆକଳନର ଶତାଂଶ ହିସାବରେ ବ୍ୟୟ ବର୍ଷ ବର୍ଷ ଧରି ହ୍ରାସ ପାଉଥିବା ତଥ୍ୟକୁ କାହିଁକି ରାଜ୍ୟ ସରକାର ଲୁଚାଇ ରଖିଛନ୍ତି ବୋଲି ପ୍ରଶ୍ନ ପଚାରି ଶ୍ରୀ ମହାନ୍ତି କହିଛନ୍ତି ଯେ, ୨୦୧୬-୧୭ ରେ ବାସ୍ତବ ବ୍ୟୟ ବଜେଟ ଆକଳନର ୮୪ ପ୍ରତିଶତ ଥିବାବେଳେ ୨୦୨୦-୨୧ ରେ ତାହା ୭୪ ପ୍ରତିଶତକୁ ଖସିଆସିଛି । ପୁଂଜି ଖର୍ଚ୍ଚ ୫୬ ପ୍ରତିଶତ ବଢାଇବାର ଆକଳନ ଏକ ବିରାଟ ସଂଖ୍ୟାର ବିଭ୍ରାନ୍ତିରେ ରାଜ୍ୟବାସୀଙ୍କୁ ବୋକା ବନାଇବାର ଉଦ୍ୟମ ହୋଇଛି ।ବାସ୍ତବରେ ରାଜ୍ୟର ମୋଟ ଘରୋଇ ଉତ୍ପାଦନର ଶତାଂଶ ହିସାବରେ ସରକାରଙ୍କ ପୁଂଜି ଖର୍ଚ୍ଚ ବର୍ଷ ବର୍ଷ ଧରି ଦକ୍ଷିଣ ମୁହାଁ ହେବାରେ ଲାଗିଛି ।

# ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ ଓ ମୃତ ସାମ୍ବାଦିକଙ୍କ ପରିବାରଙ୍କୁ ସହାୟତା ଦାବିରେ ମନ୍ତ୍ରୀ ପ୍ରଦୀପଙ୍କ ସହ ଆଲୋଚନା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା, ବୀମା ରାଶି ୨ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବୀମାରେ ସାମ୍ବାଦିକଙ୍କ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ସାମ୍ବାଦିକଙ୍କ ବାପା'ଓ ମା'ଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ଓ ଦୁର୍ଘଟଣାରେ ମୃତ ସାମ୍ବାଦିକ ଅଶୋକ ପଣ୍ଡା ପରିବାରଙ୍କୁ ଯଥାଶୀଘ୍ର ସହାୟତା ପ୍ରଦାନ କରିବାକୁ ଦାବି କରିଛି ସାମ୍ବାଦିକ ମିଳିତ ମଂଚ। ମଂଚ ପକ୍ଷରୁ ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ଅମାତଙ୍କୁ ଭେଟି ଆଲୋଚନା କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ଆଲୋଚନା ବେଳେ ଏନେଇ ପଦକ୍ଷେପ ନେବେ ଓ ସ୍ୱର୍ଗତ ପଣ୍ଡାଙ୍କ ପରିବାରଙ୍କୁ ସରକାରୀ ସହାୟତା ଯେପରି ଶିଘ୍ର ମିଳିବ ଏନେଇ ପ୍ରତିଶୃତି ଦେଇଥିଲେ। ପ୍ରକାଶ ଥାଉକି, ଦେଶରେ ବିଭିନ୍ନ ସ୍ଥାନରେ ସତ୍ୟ ପଦାକୁ ଆଣିବା ବେଳେ ଆକ୍ରୋଶର ସମ୍ମୁଖିନ ହେଉଛନ୍ତି । କାର୍ଯ୍ୟରତ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ବହୁବାର ଆକ୍ରମଣର ଶିକାର ହେଉଛନ୍ତି ।

# ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ :ଶରତ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଦ୍ଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି। ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନ ର ଜିଲ୍ଲା। ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା। ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନା ଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୁକ ସାକ୍ଷୀ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା।

# "ଅଗ୍ନିପଥ ଯୋଜନା" ଦେଶର ଯୁବକ ମାନଙ୍କର ସ୍ୱପ୍ନକୁ ଧୂଳିସାତ୍ କରିଛି : ସୁରେଶ




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ମୋଦି ସରକାରଙ୍କ "ଅଗ୍ନିପଥ ଯୋଜନା" ର ପ୍ରତ୍ୟାହାର ଦାବିରେ ଜଟଣୀ ଠାରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଏକ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉତରାୟ କହିଲେ ଯେ ସୈନଢବାହିନୀରେ ଯୋଗଦେଇ ଦେଶପାଇଁ ଜୀବନ ଦେବାକୁ ସ୍ୱପ୍ନ ଦେଖୁଥିବା ଯୁବକ ମାନଙ୍କର ସ୍ୱପ୍ନକୁ ମୋଦି ଅଗ୍ନିପଥ ଯୋଜନା ମାଧ୍ୟମରେ ଭଙ୍ଗ କରିଛନ୍ତି। ବର୍ଷକୁ ୨ କୋଟି ନିଯୁକ୍ତିର ପ୍ରତଶ୍ରୁତି ଏବେ ୪ ବର୍ଷିଆ ନିଯୁକ୍ତି ସୃଷ୍ଟିକରି ସେନାବାହିନୀକୁ ଦୁର୍ବଳ କରିବାକୁ ଚକ୍ରାନ୍ତ କରିଛନ୍ତି। ସେନାବାହିନୀରେ ଠିକା ନିଯୁକ୍ତିକୁ ଦେଶବାସୀ ଗ୍ରହଣ କରିପାରୁ ନାହାନ୍ତି। ୪ ବର୍ଷରେ ୬ ମାସ ଟ୍ରେନିଂ ଯାହା ସଠିକ ଭାବେ କର୍ତବ୍ୟ କରିବା ପାଇଁ ଉପଯୁକ୍ତ ନୁହେଁ। ମୋଦିଙ୍କର ଏହି ନିକୃଷ୍ଟ ନିଯୁକ୍ତି ସପକ୍ଷରେ ରାମଦେବ ଠାରୁ କେତେକ ମୋଦି ସପକ୍ଷବାଦୀ କମ୍ପାନୀ ପଚାର ଚଳାଇଛନ୍ତି। ମୋଦିଙ୍କର ଏହି "ଅଗ୍ନିପଥ" ଯୋଜନାର ଦୃଢ଼ ପ୍ରତିବାଦ କରାଯିବ।

# ଚାଷୀଙ୍କୁ ବୀମା ରାଶି ପ୍ରଦାନରେ ହସ୍ତକ୍ଷେପ କରନ୍ତୁ ରାଜ୍ୟ ସରକାର: ପ୍ରଦୀପ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ପଦ୍ମପୁରର ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଆଜି ଭୁବନେଶ୍ୱର ସ୍ଥିତ ରାଜ୍ୟ କୃଷକ ଭବନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସଚିବ ଶ୍ରୀ ସଞ୍ଜିବ ଚୋପ୍ରାଙ୍କୁ ଭେଟି ବରଗଡ ଜିଲ୍ଲା ପଦ୍ମପୁର ସବଡିଭିଜନ ଗତ ୨୦୨୧ ବର୍ଷର ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ତୁରନ୍ତ ଚାଷୀମାନଙ୍କୁ ପ୍ରଦାନ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ଦାବିପତ୍ର ପ୍ରଦାନ ସମୟରେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶ୍ରୀ ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ କୋଷାଧକ୍ଷ ଶ୍ରୀ ବିଶ୍ୱଜିତ ସ୍ୱାଇଁ ଉପସ୍ଥିତ ରହିଥିଲେ।

ପ୍ରକାଶଯୋଗ୍ୟ ଯେ, ଗତ ୨୦୨୧ବର୍ଷ ପାଇଁ ବରଗଡ଼ ଜିଲ୍ଲାରେ ଚାଷୀମାନେ ପଞ୍ଜୀକୃତ କରିଥିବା ପ୍ରଧାନମନ୍ତ୍ରୀ ଫସଲବୀମାରୁ ଏଚଡିଏଫସି ବୀମା କମ୍ପାନୀ ବେଆଇନଭାବେ ୭୦ହଜାରରୁ ଅଧିକ ଚାଷୀଙ୍କ ବୀମା ରେଜିଷ୍ଟ୍ରେସନକୁ ବାତିଲ କରିଦେଇଛି। ବରଗଡ ଜିଲ୍ଲାର ରାଜବୋଡା ସମ୍ବର କୃଷକ ସଂଗଠନ ଦ୍ୱାରା ବାରମ୍ବାର ଆନ୍ଦୋଳନ ପରେ ଜିଲ୍ଲା ପ୍ରଶାସନ କୃଷକମାନଙ୍କ ସହ ଆଲୋଚନା କରି ଚାଷୀଙ୍କୁ ବୀମାଟଙ୍କା ପ୍ରଦାନ କରାଯିବ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେଉଥିବାବେଳେ ଆଜି ଯାଏଁ ଚାଷୀମାନେ ବୀମାଟଙ୍କା ପାଇଲେ ନାହିଁ।



ମନୋଜବଂ
ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ
ବରିଷ୍ଠମ୍ ।
ତ୍ୱଜଂ ବାନରଯୁଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ
ପ୍ରପଦ୍ୟେ ॥

ସମ୍ପାଦକୀୟ

# ନିଶା ବନ୍ଦକୁ ପ୍ରାଧାନ୍ୟ ଦିଆଯାଉ

ଏହା ସତ୍ୟ ଯେ, ନିଶା ମୁକ୍ତ ଭାରତ ଗଠନ ଜାତିର ପିତା ମହାତ୍ମା ଗାନ୍ଧୀ ଜୀବନର ମୁଖ୍ୟ ସ୍ୱପ୍ନ ଥିଲା । ମାତ୍ର ଆଜି ଜାତିର ପିତାଙ୍କ କଳ୍ପିତ ଭାରତ ବର୍ଷରେ ମଦ, ନିଶା ଦ୍ରବ୍ୟର ପ୍ରସାର ଏତେ ବ୍ୟାପକ ହୋଇଛି ଯେ, ସତେ ଯେପରି ନିଶା ବିନା ମାନବ ସମାଜ କ୍ଷଣେ ତିଷ୍ଠି ପାରିବ ନାହିଁ । ଏବେ ବିବାହ, ବ୍ରତ, ଶୁଦ୍ଧ କ୍ରୀୟା, ଅନ୍ତେଷ୍ଟିକ୍ରୀୟା ଆଦି କାର୍ଯ୍ୟରେ ଆଗେ ମଦ ନହେଲେ କାମ ହୁଏ ନାହିଁ । ଶବ ବାହାକ (ମାଲୁଆ) ମଦ୍ୟ ପାନ ନକଲେ, ଶବ ସଂସ୍କାର କରିବାକୁ ଆଗଭର ହେଉ ନାହିଁ । ବିବାହରେ ମଦ ନପିଇଲେ, ବରଯାତ୍ରୀ ହେଉ ନାହାଁନ୍ତି । କେବଳ ଏତିକି ନୁହେଁ, ଭୋଜିଭାତ ଉତ୍ସବରେ ମଦପାନର ଆସର ଜଳୁଛି । ନିର୍ବାଚନ ସମୟରେ ମଦ ନ ବାଂଟିଲେ ଭୋଟ ମିଳିବା ତ ଦୂରର କଥା, ପ୍ରଚାରକୁ କେହି ବାହାରନ୍ତି ନାହିଁ । କେତେକ ଅଂଚଳରେ ଭୋଟ ବଦଳରେ ରାଜନୈତିକ ଦଳଗୁଡିକ ମଦମାଂସ ଯାଚିବା, ବାଂଟିବା ଏକ ପ୍ରଥା ହୋଇ ଯାଇଥିବା ବୋଧ ହୁଏ କାହାକୁ ଅଜଣା ନଥିବ । କିଛି ବର୍ଷ ତଳେ ଆମ ରାଜ୍ୟର ଜଣେ ଆଦିବାସୀ ନେତା ମନ୍ତବ୍ୟ ଥିଲା ଏପରି ଯେ, ରାଜ୍ୟ ସରକାର ଯଦି ମଦ ନିଷିଦ୍ଧ କରନ୍ତି, ତେବେ ନିର୍ବାଚନରେ ଜିତିବା ସମ୍ଭାବନା ଆଦୌ ନାହିଁ । ଏହାର ଅର୍ଥ ହେଉଛି ଯେଉଁ ସରକାର ମଦକୁ ନିଷିଦ୍ଧ କରିବେ, ସେ ସରକାର ଆଉ କ୍ଷମତାକୁ ଫେରିବ ନାହିଁ । ଏଥିରୁ ମଦ ଆମ ସମାଜକୁ, ରାଜ୍ୟକୁ, ଦେଶକୁ କେତେ ମାତ୍ରାରେ ଗ୍ରାସ କରିଛି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ । କହିବା ବାହୁଲ୍ୟ ଯେ, ବିହାରରେ ମଦ ନିଷିଦ୍ଧ ହେବାର ଇତିମଧ୍ୟରେ ୭ବର୍ଷ ପୁରଣ ହୋଇଛି । ଉଭୟ ମଦ ବିକ୍ରୀ ଓ ମଦ୍ୟପାନକୁ ରାଜ୍ୟ ସରକାର ନିଷିଦ୍ଧ କରିଥିଲେ । ମଦ୍ୟପାନ ଓ ବିକ୍ରି ବନ୍ଦ ପାଇଁ ବିହାରରେ କଠୋର ଆଇନ ରହିଛି । ଉଭୟ ଜେଲ ଓ ଜୋରିମାନା ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଜୋରରେ ଚୋରାରେ ଯେପରି ମଦ ବିକ୍ରୀ ଚାଲିଛି, ବିଷାକ୍ତ ମଦ ମୃତ୍ୟୁ ଘଟଣାମାନ ଘଟୁଛି, ସେଥିରୁ ନିସନ୍ଦେହରେ କୁହାଯାଇପାରିବ ଯେ, ଆଇନର ପ୍ରଭାବ ଲୋକଙ୍କ ଉପରେ ପଡିନାହିଁ କି, ମଦ ଛାଡିବାର ଲାଳସା ଲୋକଙ୍କ ମନରୁ ଯାଇନାହିଁ । ଏକ ରିପୋର୍ଟରୁ ଜଣାଯାଇଛି ଯେ, ବିହାରରେ ସମ୍ପୂର୍ଣ୍ଣ ମଦ ବନ୍ଦ (ନିଷିଦ୍ଧ) ଆଇନ କାର୍ଯ୍ୟକାରୀ ହେବା ପରେ ଗତ ୨୦୨୧ ମସିହା ଅକ୍ଟୋବର ସୁଦ୍ଧା ୩ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିବାବେଳେ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି । ଫଳରେ ସେଠାରେ ଜେଲ ଗୁଡିକରେ କଏଦୀମାନଙ୍କୁ ରଖିବାକୁ ଆଉ ଜାଗା ନାହିଁ । ଏଥିଯୋଗୁଁ ଅଦାଲତ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା ମଧ୍ୟ କରିଛନ୍ତି । କେବଳ ଏତିକି ନୁହେଁ ପ୍ରତିବର୍ଷ ରାଜ୍ୟରେ ଚୋରା ମଦ କାରବାର ବୃଦ୍ଧି ପାଇବା ସହ ବିଷାକ୍ତ ମଦମୃତ୍ୟୁ ଘଟଣାମାନ ଅଧିକରୁ ଅଧିକ ଘଟୁଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିକଟରେ ତୀବ୍ର ପ୍ରତିକ୍ରିୟା କରି କହିଛନ୍ତି । ଯେଉଁମାନେ ମଦ ପିଅନ୍ତି, ସେମାନେ ମଣିଷ ନୁହଁନ୍ତି । ମହାପାପୀ । ନୀତି ଶଙ୍କର ଏଭଳି ମନ୍ତବ୍ୟ କେବଳ ଅସହାୟତାର ସଂକେତ ପ୍ରଦାନ କରୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ମହତ । ମଦ ନିଷିଦ୍ଧ ଯୋଗୁଁ ବିହାର ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି । ମାତ୍ର ଯେଉଁଭଳି ସାହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିପାଇଁ ସ୍ମରଣୀୟ ହୋଇରହିବେ, ଏଥିରେ ସନ୍ଦେହ ନାହିଁ । ରାଜସ୍ୱ ଆୟ ଲୋଭରେ ବହୁ ରାଜ୍ୟ ସରକାର ମଦର ବ୍ୟାପକ ପ୍ରସାର ଘଟାଇଥିବା ଅସ୍ୱୀକାର କରାଯାଇପାରିବ ନାହିଁ । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଛତୁ ଫୁଟିବା ଭଳି ସରକାରୀ ମଦ ଦୋକାନ ଖୋଲିଛି । ଏଥିପାଇଁ ସରକାର ଅନୁମତି ଦେବା ସହ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆୟର ପନ୍ଥା ପାଲଟିଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ରାଜ୍ୟ ସରକାର ଆଉ ପାଦେ ଆଗେଇ ଯାଇ ଅନ୍ ଲାଇନରେ ମଦ ବିକ୍ରି ପାଇଁ ଅନୁମତି ଦେଇଛନ୍ତି । ଅର୍ଡର ଦେବା ପରେ ଘରେ ମଦ ପହଁଚି ଯାଉଛି ।

## ନୀତିବାଣୀ

ଆମ୍ଭମାନଙ୍କର ହସ୍ତ ଓ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଆପଣଙ୍କ ସେବାରେ ନିଯୁକ୍ତ ରହୁ, ଆମର ମନ ସର୍ବଦା ବିଭୂରୂପ ସମ୍ମୁଖରେ ଅବନତ ହେଉ ଏହାହିଁ ପ୍ରାର୍ଥନା । ସେ ଦୁଇ ଦେବତା ନଳକୁବେର ଓ ମଣିଗ୍ରୀବ ସେମାନଙ୍କର ପ୍ରାର୍ଥନ ଶେଷ କଲାକ୍ଷଣି ଶିଶୁ ଶ୍ରୀକୃଷ୍ଣ, ଯେକି ଗୋକୁଳର ପ୍ରଭୁ ଏବଂ ମାଲିକ ଏବଂ ଯେ ମାଆ ଯଶୋଦାଙ୍କ ଦ୍ୱାରା ଉଦୁଖଳରେ ଦଉଡିରେ ବନ୍ଧା ହୋଇଥିଲେ ହସିବାକୁ ଲାଗିଲେ ଏବଂ କହିଲେ, 'ଏକତା ମୁଁ ଜାଣିଛି ଯେ, ମୋର ବିଶିଷ୍ଟ ଭକ୍ତ ଦେବର୍ଷି ନାରଦ ତୁମ୍ଭମାନଙ୍କ ପ୍ରତି ଅହେତୁକୀ ଦୟା ପ୍ରଦର୍ଶନ କରିଛନ୍ତି । ତୁମ୍ଭେମାନେ ଦେବତା ପରିବାରରେ ଜନ୍ମ ହୋଇ ଅସାଧାରଣ ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବା ଯୋଗୁଁ ଗର୍ବୋନ୍ମତ୍ତ ହୋଇପଡ଼ିଥିଲ ଏବଂ ଘୃଣିତ ଜୀବନଯାପନ କରୁଥିଲ । ଦେବର୍ଷି ନାରଦ ସେ ପ୍ରକାର ଘୃଣିତ ଅବସ୍ଥାରୁ ତୁମ୍ଭମାନଙ୍କୁ ରକ୍ଷା କରି ତୁମ୍ଭମାନଙ୍କ ପ୍ରତି ତାଙ୍କର ଅହୈତୁକୀ କୃପା ପ୍ରଦର୍ଶନ କରିଛନ୍ତି । ସେ ତୁମ୍ଭମାନଙ୍କୁ ଏକ ନୀଚ ନର୍କ ଯନ୍ତ୍ରଣାପୂର୍ଣ୍ଣ ଜୀବନଯାପନରୁ ରକ୍ଷା କରିଛନ୍ତି । ଏବୁ କଥା ମୋତେ ଜଣାଅଛି । ତୁମ୍ଭେମାନେ ବଡ଼ ଭାଗ୍ୟବାନ କାରଣ ତୁମ୍ଭେମାନେ ଯେ, କେବଳ ତାଙ୍କଠାରୁ ଅଭିଶାପ ଗ୍ରହଣ କଲ, ତାହା ନୁହେଁ, ତାଙ୍କୁ ଦର୍ଶନ କରିବାର ଏକ ମହାନ୍ ସୁଯୋଗ ମଧ୍ୟ ଲାଭ କଲ । ଯଦି ଦେବବଶତଃ କୌଣସି ବ୍ୟକ୍ତି ନାରଦଙ୍କ ପରି ଏକ ବିଶିଷ୍ଟ ଶାନ୍ତଶିଷ୍ଟ ଓ ଦୟାର୍ଦ୍ର ହୃଦୟ ସାଧୁ ବା ସନ୍ଥଙ୍କୁ ପ୍ରତ୍ୟକ୍ଷଭାବରେ ଦର୍ଶନ କରିପାରିଲା, ତା'ହେଲେ ତାର ବଦ୍ଧ ଆତ୍ମା ସାଙ୍ଗେ ସାଙ୍ଗେ ମୁକ୍ତ ହୋଇଯାଏ । ଏହା ଠିକ୍ ପୂର୍ଣ୍ଣ ସୂର୍ଯ୍ୟ କିରଣରେ ରହିଲା ପରି ଅଟେ, ସେଠାରେ ଆଉ ଦୃଷ୍ଟିପଥରୁଦ୍ଧକାରୀ କୌଣସି ପ୍ରକାର ପ୍ରତିବନ୍ଧକ ନଥାଏ ।

# ଇସ୍ପାତ ରାଜଧାନୀ କଳିଙ୍ଗନଗର ବିସ୍ଥାପିତ ଓ ଗ୍ରାମବାସୀମାନଙ୍କ ମଧ୍ୟରେ ସମ୍ପର୍କ ଓ ବିକାଶର ସେତୁ ନିର୍ମାଣ ହେଉ



**ହଳଧର ଧୀର**
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର
ମୋବାଇଲ୍ -
୯୪୩୮୬୩୯୪୫୩
mail-
haladhar.dhir@gmail.com

ସମୟ ସୁଅରେ ଜୀବନର ନାଆ ଆଗକୁ ଆଗକୁ ଅତିକ୍ରମୁଛି । ପ୍ରକୃତିର କୋପରେ ମଣିଷର ଜୀବନ ହା ହୁତାଶ ରେ ଗତୀ କରୁଛି । ତାରି ଭିତରେ ମଣିଷର ଆର୍ତ୍ତଚିତ୍କାର ଦିର୍ଘଶ୍ୱାସ ସବୁ ଖୋଲା ଆକାଶର ପବନର ସୂଅରେ ଲହଡି ଭାଙ୍ଗୁଛି । ସାଂପ୍ରତିକ ସ୍ଥିତିର ସମୟାନୁ କ୍ରମେ ଘଟିଥିବା ଘଟଣାର ଚିତ୍ର ସବୁ ମାତ୍ର କେତୋଟି ମୂହୁର୍ତ୍ତରେ ସମସ୍ତଙ୍କର ମାନସ ପଟ୍ଟରୁ ଉଭେଇ ଯାଏ । ଏଇତ ବାସ୍ତବ ସତ୍ୟ । ଯାହାକି ଅବର୍ଣ୍ଣନୀୟ । ଠିକ୍ ସେହିପରି କଳିଙ୍ଗନଗର ବାସୀଙ୍କ ଦୁଃଖ ଓ ଦୁର୍ଦ୍ଦଶା ରାଜ୍ୟବାସୀଙ୍କର ମାନସ ପଟ୍ଟକୁ ଆସି ପୁଣି ଉଭେଇ ଯାଏ । କିନ୍ତୁ କଳିଙ୍ଗ ନଗରବାସୀଙ୍କ ଦୁଃଖ କେବଳ ସେମାନଙ୍କ ଅନୁଭବୀ ଜୀବନର ସ୍ମୃତି ପଟ୍ଟରେ ଉଦ୍‌ଜୀବିତ ହୋଇ ରହିଥାଏ ।

ଓଡ଼ିଶାର ଇସ୍ପାତ ରାଜଧାନୀ ରୂପେ ବିଶ୍ୱମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରି ପାରିଥିବା ଯାଜପୁର ଜିଲ୍ଲାର କଳିଙ୍ଗନଗର ସମୃଦ୍ଧିର ସୁଫଳ କଣ ସତରେ ଅଞ୍ଚଳବାସୀଙ୍କର ସ୍ୱପ୍ନକୁ ସାକାର କରିପାରିଛି ? ଶିଳ୍ପ ପାଇଁ ଚାଷୀ ତାର ଇଟାମାଟି ଛାଡିଲା । ଚାଷଜମି ଓ ଘର ଦ୍ୱାରକୁ ଟେକିଦେଲା ଶିଳ୍ପପତିଙ୍କ ହାତରେ । ତାହା ପୁଣି ଚାଷୀର ହାତରୁ ଯୋର ଯବରଦସ୍ତ ଛଡ଼ାଇ ନିଆଗଲା । ଏହି ନଗ୍ନ ଚିତ୍ର ଓ ବାସ୍ତବତାର କାହାଣୀ ହେଉଛି କଳିଙ୍ଗ ନଗର ବାସୀଙ୍କର । ଶିଳ୍ପପାଇଁ ମଧ୍ୟ ରକ୍ତ ରଞ୍ଜିତ ହୋଇଛି ଏଇ ମାଟି । ତଥାପି ଶିଳ୍ପର ସମୃଦ୍ଧି ପାଇଁ ମନକୁ ବୁଝାଇ ମଥାନତକରି ଗାଁ ଠାରୁ ବହୁ ଦୂରରେ ବିସ୍ଥାପିତ ଭାବରେ ନାମିତ ହୋଇ ବଞ୍ଚିବାର ରାହା ଖୋଜୁଛି ଭିଟାମାଟି ଛାଡ଼ି ଆସିଥିବାର ମଣିଷମାନେ । ପଛକୁ ଫେରି ଚାହିଁଲେ ସେହି ସ୍ଥାନରେ ମୁଣ୍ଡ ଟେକି ଛିଡା ହୋଇଛି ଆକାଶଚୁମ୍ବି ଇସ୍ପାତ ଶିଳ୍ପ । ଏତ ଗଲା ବିସ୍ଥାପିତଙ୍କ କଥା । ବିସ୍ଥାପିତ ମାନଙ୍କୁ ଅବସ୍ଥାପିତ କରିଥିବା ଗାଁ ବିସ୍ଥାପିତ ମାନଙ୍କ ପାଇଁ ବିସ୍ଥାପିତ ହେବା ଲାଗି ବସିଥିବା ଲାଗି ବସିଲାଣି । କାରଖାନା ସଂଲଗ୍ନ ଗ୍ରାମ ଗୁଡ଼ିକର ଦୂରବସ୍ଥା କଥା ନ କହିଲେ ନସରେ । ବିସ୍ଥାପିତ ମାନେ ବିସ୍ଥାପିତ ହୋଇ ଚାଷୀର ମାନ୍ୟତା ହରାଇଲା ସିନା କିନ୍ତୁ ସେମାନଙ୍କ ଭାଗ୍ୟରେ କଣେମାଣେ ଚାଷଜମି ମଧ୍ୟ ମିଳି ପାରିନାହିଁ । ଏହା ନିଶ୍ଚୟ ବେଦନା ଦାୟକ । କିଛି କ୍ଷତିପୁରଣ ଅର୍ଥ ଓ ଖଣ୍ଡେ ସରକାରୀ ଯାଗା ନେଇ ସେ ତାର ଭାଗ୍ୟ ପରୀକ୍ଷା କରିବା ଛଡ଼ା ଆଉ ବା ତାର ଚାରା କଣ ଥିଲା । ଏହି ଆଲୋଚନାର ତାତ୍ପର୍ଯ୍ୟ ହେଲା ସରକାରୀ ବିସ୍ଥାପନ ନୀତି ଅନୁଯାୟୀ ସରକାର ଯେଉଁ ଗ୍ରାମରେ ବିସ୍ଥାପିତ ମାନଙ୍କୁ ଥଇଥାନ କରିବେ ସେଠାରେ ସରକାର ବିସ୍ଥାପିତ ଓ ମୂଳଗ୍ରାମର ବିକାଶ ଦିଗରେ ପ୍ରାଥମିକତା ପ୍ରଦାନ କରିବେ । କିନ୍ତୁ ସରକାରଙ୍କର ଏହି ବିସ୍ଥାପନ ନୀତିକୁ ପ୍ରଶାସନ, ଜିଲ୍ଲାପାଳ, ଇଡକୋ ଓ ଶିଳ୍ପପତି ମାନେ କାର୍ଯ୍ୟକାରୀ କରିବାକୁ ଶ୍ରେୟ ମଣିଲେ ନାହିଁ । ବିଶେଷ କରି ଜିଲ୍ଲା ପ୍ରଶାସନ ଓ ଇଡ଼କୋ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ନେଲେ ନାହିଁ କି ଆନ୍ତରିକତା ଦେଖାଇଲେ ନାହିଁ । ଫଳରେ ଲୋକଙ୍କ ଭିତରେ ଚାପା ଅସନ୍ତୋଷ ବୃଦ୍ଧି ପାଇବା ସଙ୍ଗେସଙ୍ଗେ ଗ୍ରାମବାସୀ ଓ ବିସ୍ଥାପିତ ମାନଙ୍କ ମଧ୍ୟରେ ବିକାଶର ଭେଦଭାବକୁ ନେଇ ଅସନ୍ତୋଷ ମଧ୍ୟ ବଢିବାରେ ଲାଗିଛି । ତଥାପି ଗ୍ରାମବାସୀ ମାନେ ପ୍ରଶାସନ ଓ ଇଡ଼କୋର ଅନ୍ୟାୟକୁ ସହ୍ୟ କରି ମଧ୍ୟ ସମ୍ପର୍କକୁ ବଜାୟ ରଖିଛନ୍ତି । ସାଂପ୍ରତିକ ସ୍ଥିତିରେ ବିସ୍ଥାପିତ ମାନଙ୍କ ପାଇଁ ପ୍ରଶାସନ ଓ ଶିଳ୍ପପତିମାନଙ୍କ ଅଲକ୍ଷ, ଅଦୃଶ୍ୟ କାର୍ଯ୍ୟ ଓ ଇଙ୍ଗିତରେ ମୂଳ ଗ୍ରାମବାସୀମାନେ ବିସ୍ଥାପିତ ହେବାର ସ୍ଥିତିରେ ପହଞ୍ଚିଲେଣି । ବିସ୍ଥାପିତ ମାନେ ସିନ ଜମିଘର ହରାଇ ଆର୍ଥିକ ସହାୟତା ପାଇଲେ ଆଉ ତା ସାଙ୍ଗକୁ ଚାକିରୀ, ଠିକାଦାରୀ ଏବଂ ଅନ୍ୟାନ ଆନୁସାଙ୍ଗିକ ସୁବିଧା ସୁଯୋଗ ମାନ ହାସଲ କରି ପାରିଲେ କିନ୍ତୁ ମୂଳ ତ୍ରୀଜଙ୍ଗା (ଦାନଗଦୀ) ଗ୍ରାମର ଗ୍ରାମବାସୀମାନେ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ କାରଖାନାର କାରଖାନାର ଧୂଳି, ଧୂଆଁ, ଆଉ କାରଖାନାର ବର୍ଯ୍ୟଜଳ ଗ୍ରାମର ଜୀବନଧାରା ଗଣ୍ଡାନାଳର ଜଳ ଉତ୍ସରେ ମିଶିବା ଫଳରେ ତାର ଜହର ଜଳକୁ ପାନ କରି ରୋଗରେ ପଡି ଓ ଚାଷ ଜମିରେ ପାଣି ମଡାଇ ଜମିର ଉର୍ବରତା ହରାଇ ଆଜି ଚାଷବାସ ବୁଡିଯିବା ପରେ ରୋଗୀ କିଭଳି ଦୁର୍ଦ୍ଦଶା ଭୋଗୁଛି ତାକୁ କେହି ଦେଖିବାକୁ ନାହିଁ । ତେଣୁ ଏହି ସମୃଦ୍ଧ ଅଞ୍ଚଳରୁ ଆଜି ଲୋକେ ଦାଦନ ଶ୍ରମିକ ଭାବେ ଗାଁ ଛାଡ଼ିବାକୁ ବାଧ ହେଉଛନ୍ତି । ଏଠାରେ ସ୍ୱତଃ ପ୍ରଶ୍ନ ଉଠେ । ଯେଉଁ କାରଖାନା ପାଇଁ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଗ୍ରାମବାସୀ ଙ୍କୁ ଭିଟାମାଟି ଛାଡ଼ିବାକୁ ପଡୁଛି । ତେବେ ଏହି କାରଖାନା ସ୍ଥାପନ କାହା ସ୍ୱାର୍ଥରେ ?କଳିଙ୍ଗନଗରର ମୁଖଶାଳା କୁହାଯାଉଥିବା ତ୍ରୀଜଙ୍ଗା (ଦାନଗଦୀ) ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି । ଗ୍ରାମକୁ ଲାଗି ଜିନ୍ଦଲ, ମେସ୍କୋ, ଭିସା, ଟାଟା, ନୀଳାଞ୍ଚଳ ଇସ୍ପାତ, ବି.ଆର.ପି.ଏଲ, ସିମେଣ୍ଟ କାରଖାନା ସହ ଫେରୋକ୍ରୋମ ପ୍ଲାଟ, ପ୍ରଭୃତି କାରଖାନା ଗୁଡ଼ିକ ଗ୍ରାମର ପରିବେଶ ପ୍ରତି ବିପଦ ସୃଷ୍ଟି କରି ଚାଲିଛନ୍ତି । ବିସ୍ଥାପିତ ମାନେ ଭିଟାମାଟି ଛାଡ଼ି ବିସ୍ଥାପିତ ହେଲେ ସତ କିନ୍ତୁ ଏହି ଗାଁର ଲୋକମାନେ ଆଜି ବିସ୍ଥାପିତ ମାନଙ୍କର ସମଭାଗି ହେବାକୁ ପଡୁଛି । ଶିଳ୍ପପତି ମାନଙ୍କର ସ୍ୱାର୍ଥ ରକ୍ଷାପାଇଁ ଗ୍ରାମବାସୀ ମାନଙ୍କର ଯେଉଁ କଣେ ମାଣେ ଜମିଥିଲା । ତାହାପୁଣି ବିସ୍ଥାପିତ ମାନଙ୍କ ପରି ସରକାର ଶାଗମୁଗ ଦରରେ ଯୋର ଜବରଦସ୍ତ ଛଡ଼ାଇନେଲେ । କାରଣ କାରଖାନାର ପରିବହନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଚାରିଲାଇନ ବିଶିଷ୍ଟ ସଡକ ନିର୍ମାଣ ନିମନ୍ତେ । ଏପଟେ ସରକାର ଗ୍ରାମର ଜଙ୍ଗଲ ଗ୍ରାମ୍ୟ ଜଙ୍ଗଲକୁ କାଟି ଦେବା ଫଳରେ ଚାଷଜମିକୁ ଆସୁଥିବା ଜଳଧାରାର ସ୍ରୋତକୁ ଅବରୋଧ କରି ବିସ୍ଥାପିତ ବସତି ସ୍ଥାପନ କଲେ । ଏବଂ ଗ୍ରାମବାସୀଙ୍କୁ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ କଲେ । ଅନ୍ୟ ପଟେ ବେଡି ଉପରେ କୋରଡା ମାଡ଼ ପରି ରାସ୍ତା ନିର୍ମାଣ ପାଇଁ ଚାଷ ଜମି ଛଡ଼ାଇ ନେଲେ । ବିସ୍ଥାପିତ ମାନଙ୍କ ପ୍ରତି ସରକାର ଦୟାପରବସ ହୋଇଥିବାବେଳେ ଶିଳ୍ପପତିଙ୍କ ସ୍ୱାର୍ଥ ଓ କାରଖାନାର ପରିବହନ ସୁଗମ ପାଇଁ ଜମି ହରାଇଥିବା ଗ୍ରାମବାସୀ ମାନଙ୍କ କଥା ସରକାର, ପ୍ରଶାସନ ଓ ଶିଳ୍ପପତିମାନେ ଭୁଲିଗଲେ । ଗ୍ରାମବାସୀ ମାନଙ୍କୁ ନ୍ୟାୟ ଦେବେ କଣ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ଅର୍ଥ ମଧ୍ୟ କେତେକ ଗ୍ରାମବାସୀ ପାଇପାରି ନାହାଁନ୍ତି । ସରକାର, ପ୍ରଶାସନ, ଶିଳ୍ପପତି କିମ୍ବା କ୍ଷମତାରେ ଥିବା ସ୍ଥାନୀୟ ଲୋକ ପ୍ରତିନିଧି ଜମି ହରାଇଥିବା ଲୋକ ମାନଙ୍କୁ କୌଣସି ସୁବିଧା ସୁଯୋଗ ପ୍ରଦାନ କଲେ ନାହିଁ କି ଏହି ପ୍ରସଙ୍ଗ ନେଇ ଆଜି ପର୍ଯ୍ୟନ୍ତ କେହି ମୁହଁ ଖୋଲିଲେ ନାହିଁ । ଏପରିକି ଶିଳ୍ପର ଉତ୍ପାଦିତ ଦ୍ରବ୍ୟ, ଯନ୍ତ୍ରପାତି ତଥା ଶିଳ୍ପପାଇଁ ଆବଶ୍ୟକ ଆନୁସାଙ୍ଗିକ ଦ୍ରବ୍ୟ ଏବଂ ଶିଳ୍ପ ପାଇଁ ଆମଦାନୀ ଓ ରପ୍ତାନୀ ସବୁର ପରିବହନ ପାଇଁ ଚାଷୀଙ୍କ ଚାଷଜମି ଉପରେ ନିର୍ମିତ ପୂର୍ତ୍ତ ବିଭାଗର ଚାରିଥାକିଆ ରାସ୍ତା ବା ଇସ୍ପାତ କରିଡର ରାସ୍ତା ପାଇଁ ସମସ୍ତ ତ୍ୟାଗ କରିଥିବା ଗ୍ରାମବାସୀ ମାନେ ସରକାରୀ ନିତୀନିୟମ ସୁବିଧାଗୁଡ଼ିକ ପାଇବାଠାରୁ ବହୁଦୂରରେ । ଆଜି ବି ଏହି ଶିଳ୍ପ କରିଡର ରାସ୍ତା ଲାଗି ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହୋଇ ଚାଲିଛି । ଏଥିରୁ ରକ୍ଷା ପାଇବା ପାଇଁ ଚାରିଥାକିଆ ମୁଖ୍ୟ ରାସ୍ତା ଠାରୁ ତ୍ରୀଜଙ୍ଗା ଗ୍ରାମକୁ ଏକ ସଂଯୋଗୀକରଣ ରାସ୍ତାଟି ଏ ନିର୍ମିତ ହୋଇ ପାରିଲା ନାହିଁ । ଫଳରେ ଗ୍ରାମବାସୀ ମାନଙ୍କର ରାସ୍ତାର ଅପର ପାର୍ଶ୍ୱରେ ଥିବା ଜମିବାଡି କୁ ଯାତାୟତର ସୁବିଧା କୁ ବନ୍ଦ କରି ଦିଆଗଲା ଆଉ ସେମାନଙ୍କୁ ଏକ ରକମ ବନ୍ଦୀଭାବରେ ରଖି ଦିଆଗଲା । ଫଳରେ ସେମାନଙ୍କର ଚାଷ ବାସତ ବୁଡିଗଲା ଓ ବର୍ତ୍ତମାନ ସେମାନଙ୍କର ଦୁର୍ଦ୍ଦଶା ନ କହିଲେ ଭଲ । ଚାଷୀମାନଙ୍କର ଗୋରୁ, ଗାଈ, ଗୃହପାଳିତ ପଶୁ ଗୁଡିକ ରାସ୍ତା ପାର ହୋଇ ଯିବା ସମ୍ଭବ ପର ହୋଇ ପାରୁନାହିଁ । ଦୁର୍ଘଟଣାରେ ମଧ୍ୟ ପ୍ରତିଦିନ ଅନେକ ପଶୁମାନଙ୍କର ମୃତ୍ୟୁ ଘଟୁଛି । ଏଥି ସହ ଚାଷୀମାନେ ସେମାନଙ୍କର ହଳ ଲଙ୍ଗଳ ନେଇ ଚାଷ କରିବାକୁ ମଧ୍ୟ ଆସିପାରୁ ନାହିଁ । ଏହାର ଏକ ମାତ୍ର କାରଣ ଗ୍ରାମକୁ ଏକ ସଂଯୋଗୀକରଣ ରାସ୍ତା ନାହିଁ କି ଏକ ଅଣ୍ଡର ପାସ ମଧ୍ୟ ନିର୍ମାଣ କରାଯାଇ ନାହିଁ । ଫଳରେ ଚାଷୀ ଓ ଲୋକମାନେ ସହଜରେ କିପରି ରାସ୍ତା ପାର ହୋଇ ପାରିବେ । ତ୍ରୀଜଙ୍ଗା ଗ୍ରାମକୁ ଏକ ଅଣ୍ଡର ପାସ ସୁବିଧା ପ୍ରଦାନ ସହ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯାଇପାରିଲେ । ବହୁ ଧନ ଜୀବନ ରକ୍ଷା ପାଇ ପାରିବ । ଲୋକ ମାନଙ୍କର ଯାତାୟତ ସୁଗମ ହୋଇପାରିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ପାତ ଶିଳ୍ପ ରାଜଧାନୀ ଉନ୍ନତିକରଣର ଯେଉଁ ସ୍ୱପ୍ନଥିଲା ତାକୁ ସାକାର କରିବାରେ ତ୍ରୀଜଙ୍ଗା ଗ୍ରାମବାସୀ ମାନଙ୍କର ତ୍ୟାଗ କମ୍ ନୁହେଁ । ଗାଁ ର ପାଣି, ପବନ, ମାଟି ସବୁକିଛି ସେମାନଙ୍କୁ ଅନ୍ୟମାନଙ୍କ ସୁବିଧାପାଇଁ ଓ ଶିଳ୍ପ ପ୍ରତିଷ୍ଠା ଲାଗି ଉତ୍ସର୍ଗ କରିବାକୁ ପଡିଛି । ତଥାପି ସରକାର ମାନବିକତାର ଧର୍ମ ପାଳନ କରି ମାନବିକ ଅଧିକାର ପ୍ରତିଧାନ ଦେଇ ମୁଖ୍ୟ ଚାରିଲେନ୍ ପୂର୍ତ୍ତ ବିଭାଗ ରାସ୍ତାଠାରୁ ତ୍ରୀଜଙ୍ଗା ଗ୍ରାମକୁ ମାତ୍ର କେଇମିଟର ଜମି ଅଧିଗ୍ରହଣ କରି ଉକ୍ତ ଗ୍ରାମକୁ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ବର୍ଷ ବର୍ଷ ଧରି ସରକାର ଓ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କୁ ନିବେଦନ କରି ଆସୁଥିଲେ ବି କୌଣସି ଲାଭ ହେଉନାହିଁ । ଏ ସମ୍ପର୍କରେ ଓଡିଶାର ସୁନାମ ଧନ୍ୟ, ଦକ୍ଷ, ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକଙ୍କୁ ମଧ୍ୟ ସମସ୍ୟା ସମାଧାନ ଲାଗି ନିବେଦନ କରି ଆସୁଛନ୍ତି । ଏଥିସହ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ ଏବଂ ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତବିଭାଗର ଦକ୍ଷ ଅଫିସର ମାନଙ୍କୁ ମଧ୍ୟ ସମସ୍ୟାର ସମାଧାନ ଲାଗି ନିବେଦନ କରି ଆସୁଛନ୍ତି । ଏଥି ସହ ତ୍ରୀଜଙ୍ଗା ଗ୍ରାମ ଚାଷୀମାନଙ୍କର ଏକ ସଙ୍ଗରେ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ତତ୍‌କାଳୀନ ରାଜନୈତିକ ସ୍ୱାର୍ଥ ଓ କିଛି ପ୍ରଭାବିଶାଳୀ ବ୍ୟକ୍ତିଙ୍କର ସ୍ୱାର୍ଥ ରକ୍ଷା ଲାଗି ଦାନଗଦୀ ତ୍ରିଜଙ୍ଗା ମିଲିଟାରୀ ଛକଠାରୁ ପ୍ରାୟ ତିନି କିମି ପର୍ଯ୍ୟନ୍ତ ଜମିକୁ ଉଦ୍ଦେଶ୍ୟମୂଳକ ଭାବେ ଅଧିଗ୍ରହଣ ନକରି କେବଳ ତ୍ରିଜଙ୍ଗା ଗ୍ରାମର କେଇ କିଲୋମିଟର ରାସ୍ତା ନିର୍ମାଣ ଲାଗି ଲୋକମାନଙ୍କୁ ସେମାନଙ୍କର ଚାଷ ଜମିକୁ ଚାଷୀମାନଙ୍କର ଅନିଚ୍ଛା ସତ୍ତ୍ୱେ ସ୍ୱଳ୍ପ ମୁଲ୍ୟରେ ଜମିଗୁଡ଼ିକ ଅଧିଗ୍ରହଣ କରାଗଲା । ତଥାପି ଚାଷୀମାନେ ସରକାରଙ୍କର ଏହି ଅନ୍ୟାୟକୁ ମୁଣ୍ଡପାତି ଓ ସରକାରଙ୍କର ବିକାଶ ଧାରାକୁ ସମର୍ଥନ କରି ସେମାନଙ୍କର ଜମି ସରକାରଙ୍କୁ ଶିଳ୍ପ କରିଡର ନିର୍ମାଣ ଲାଗି ଟେକିଦେଇଥିଲେ । କିନ୍ତୁ ସମ୍ପ୍ରତି ଏଇ କେଇ ବର୍ଷ ନିରବ ରହିବା ପରେ ଏକ ସଙ୍ଗରେ ଜମି ଅଧିଗ୍ରହଣ ପାଇଁ ଗୋଟିଏ ନୋଟିସ୍‌ରେ ଗ୍ରାମର ସମସ୍ତ ଜମି ଅଧିଗ୍ରହଣ ସୂଚୀ ପ୍ରକାଶ ପାଇଥିବା ବେଳେ ଏବଂ ଦୁଇତିନି କିମି ପର୍ଯ୍ୟନ୍ତ ଯେଉଁଜମି ଅଧିଗ୍ରହଣ କରାଯାଇନଥିଲା ତାହା ପୁଣି ସମସ୍ତ ଜମି ହରାଇଥିବା ଚାଷୀମାନଙ୍କୁ ଚକିତ କରି ୨୦୨୦-୨୦୨୧ ଓ ୨୦୨୧-୨୦୨୨ ମସିହାରେ ବହୁ ମୂଲ୍ୟଦେଇ ପୂର୍ତ୍ତ ବିଭାଗ ସେହି ଜମି ଗୁଡ଼ିକ ଅଧିଗ୍ରହଣ କରୁଥିବାରୁ ପୂର୍ବରୁ ଜମି ହରାଇଥିବା ଚାଷୀମାନେ କ୍ଷଭୋ ପ୍ରକାଶ କରିଛନ୍ତି ଏବଂ କିପରି ଗୋଟିଏ ନୋଟିସ୍‌ରେ ପ୍ରକାଶ ପାଇଥିବା ଜମି ଅଧିଗ୍ରହଣ ବ୍ୟବସ୍ଥା ଦୁଇଭାଗରେ ପରିଣତ ହୋଇଗଲା - ଯାହା ଫଳରେ ପୂର୍ବରୁ ଜମି ହରାଇଥିବା ଚାଷୀମାନେ ବର୍ତ୍ତମାନ ଯେଉଁ ପରିମାଣର ଅର୍ଥ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି ସେହି ପରିମାଣର ଅର୍ଥ ପୂର୍ବରୁ ଜମିହରାଇଥିବା ଚାଷୀମାନଙ୍କୁ ପ୍ରଦାନ କରଯାଇ ନ୍ୟାୟ ପ୍ରଦାନ କରିବାକୁ ଚାଷୀମାନେ ସରକାରଙ୍କୁ ନିବେଦନ କରିଛନ୍ତି । ସେମାନଙ୍କର ବିଶ୍ୱାସ ଅଛି ସରକାର ବର୍ଦ୍ଧିତ ଅତିରିକ୍ତ କ୍ଷତିପୂରଣ ଅର୍ଥ ଦିନେନା ଦିନେ ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରିବେ । ଏ ବିଶ୍ୱାସ ସରକାରଙ୍କ ଉପରେ ରହିଛି ଏଥି ସହ ଜମିହରାଇ କ୍ଷତିପୂରଣ ଅର୍ଥ ପାଇନଥିବା ଚାଷୀମାନଙ୍କୁ ସେମାନଙ୍କ କ୍ଷତି ପୂରଣ ବର୍ଦ୍ଧିତମୂଲ୍ୟରେ ପଇଠ କରିବାକୁ ଚାଷୀମାନଙ୍କ ପକ୍ଷରୁ ସରକାରଙ୍କ ନିବେଦନ କରାଯାଇଅଛି ।

ଗ୍ରାମବାସୀ ମାନଙ୍କର ବିଶ୍ୱାସ ଅଛି ଯାଜପୁର ଜିଲ୍ଲାର ସମ୍ମାନନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସରକାର ଓ ଫାଇବ୍-ଟି ସଚିବ ଲୋକ ମାନଙ୍କର ଦୁଃଖ ଶୁଣିବେ । ଦିନେ ନା ଦିନେ ସେମାନଙ୍କର ଦୁଃଖ ଓ ସମସ୍ୟା ସମାଧାନ ହେବ । ତୁରନ୍ତ ଏହି ଗ୍ରାମକୁ ଏକ ସଂଯୋଗୀକରଣ ରାସ୍ତା ଲାଗି ମାତ୍ର କେଇମିଟର ଜମି ଅଧିଗ୍ରହଣ କରି ରାସ୍ତା ନିର୍ମାଣ କରାଗଲେ ନିତିଦିନିଆ ରାସ୍ତାରେ ଘଟୁଥିବା ଦୁର୍ଘଟଣା ଯୋଗୁଁ ନଷ୍ଟ ହେଉଥିବା ଧନଜୀବନ ଓ ପଶୁ ମାନଙ୍କର ଜୀବନ ରକ୍ଷା ହୋଇପାରିବ । ଏହି ରାସ୍ତା ନିର୍ମାଣ ଦାଇତ୍ୱରେ ଥିବା ଅଫିସର ମାନେ ଜଣେ ଜଣେ ଦକ୍ଷ ଇଂଜିନିୟର ହୋଇଥିଲେ ମଧ୍ୟ ଲୋକମାନଙ୍କର ଏହି ସମସ୍ୟା ଦୂର କରିବାରେ କାହିଁକି ଯେ ଅସହାୟତା ପ୍ରକାଶ କରୁଛନ୍ତି ତାହା କେହି ବୁଝି ପାରୁ ନାହାଁନ୍ତି । ଏହି ସୁନ୍ଦର ରାସ୍ତା ନିର୍ମାଣର ଶ୍ରେୟ ସେମାନେ ନେଉଥିବା ବେଳେ ଲୋକମାନଙ୍କର ଏହି ଗୋଟିଏ ଛୋଟିଆ ସମସ୍ୟାଟିକୁ କିପରି ସମାଧାନ କରିପାରୁ ନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଜମି ହରାଇଥିବା ଲୋକମାନଙ୍କ ପରିବାର ରୁ ଜଣକୁ କାରଖାନାରେ ନିଯୁକ୍ତି ପ୍ରଦାନ କରାଯିବା ଦିବା ସ୍ୱପ୍ନ ପାଲଟି ଥିବା ବେଳେ ଅନ୍ୟଦିଗରେ ଜମି ହରାଇଥିବା ଲୋକ ମାନଙ୍କର ଆର୍ଥିକ ସ୍ଥିତି ବୃଦ୍ଧି କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଏହି ନୈତିକ ଦାୟିତ୍ୱ ସଂପାଦାନରେ ରାଜ୍ୟ ସରକାରଙ୍କ ସହ ସ୍ଥାନୀୟ ଲୋକ ପ୍ରତିନିଧି ବିଧାୟକଙ୍କର ଗୁରୁ ଦାୟିତ୍ୱ ଅଧିକ ରହିଛି । କିନ୍ତୁ ଦୁର୍ଭାଗ୍ୟ ତତ୍‌କାଳୀନ ରାଜନୈତିକ ଅସୂୟା ଭାବ ଓ ଦଳୀୟ ଭାବନାର ପଶାପଲିରେ ଏହି କ୍ଷତିଗ୍ରସ୍ତ ମାନଙ୍କର ଭାଗ୍ୟବନ୍ଧା ପଡ଼ିଗଲା ।

ଦୁଇ ହଜାର ମସିହାଠାରୁ ଶିଳ୍ପପତି ମାନଙ୍କର ସ୍ୱାର୍ଥ ପାଇଁ ଚୈରଦା ଡୁବୁରୀ ରାସ୍ତାକୁ ଚାରିଲାଇନ ବିଶିଷ୍ଟ ରାସ୍ତାରେ ପରିଣତ କରିବାକୁ ଯୋଜନା କରାଯାଇଥିଲେ ମଧ୍ୟ ବ୍ୟାସନଗର ମୁନ୍‌ସିପାଲଟିର ଚୈରଦା ଛକ ଠାରୁ ତ୍ରୀଜଙ୍ଗା (ଦାନଗଦୀ) ମିଲିଟାରୀ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତର ଦୁଇ ପାର୍ଶ୍ୱରେ ଥିବା ପ୍ରଭାବଶାଳୀ ବ୍ୟକ୍ତି ମାନଙ୍କର ଅଟାଳିକା ଗୁଡ଼ିକ ଭଙ୍ଗାଗଲେ ଓ ସେମାନଙ୍କ ଜମି ଅଧିଗ୍ରହଣ କରାଗଲେ ରାଜନୈତିକ ନେତା ମାନଙ୍କର ଭୋଟବ୍ୟାଙ୍କ ବ୍ୟାଘାତ ଘଟିବାର ଆଶଙ୍କାଥିବାରୁ ଚୋରଦା ଛକ ଠାରୁ ତ୍ରୀଜଙ୍ଗା (ଦାନଗଦୀ) ମିଲିଟାରୀ ଛକ ପର୍ଯ୍ୟନ୍ତ ପାଞ୍ଚ ଛଅ କିଲୋମିଟର ରାସ୍ତାକୁ ତ୍ରୀଜଙ୍ଗା ଗ୍ରାମର ଭାତହାଣ୍ଡି ଚାଷ ଜମି ଉପରେ ଏହି ରାସ୍ତା ନିର୍ମାଣ କରିବା ପାଇଁ ପ୍ରସ୍ତୁତ ହୋଇଥିବା ମୂଳ ନକ୍ସା ଓ ଡି.ପି.ଆର୍. ଏଷ୍ଟିମେଣ୍ଟ କୁ ବଦଳାଯାଇ ପାଣିକୋଇଲି - କେନ୍ଦୁଝର ଏନ୍.ଏଚ୍ ରାସ୍ତା କନ୍ହେଇପୁର ଓ ନୂଆଗଡ଼ ନିକଟରୁ ତ୍ରୀଜଙ୍ଗାର ସମସ୍ତ ଚାଷ ଜମି ଉପରେ ମିଲିଟାରୀ ଛକ ପର୍ଯ୍ୟନ୍ତ ଚାରିଲେନ୍ ରାସ୍ତା ପାଇଁ କାର୍ଯ୍ୟ ଆରମ୍ଭ କରାଗଲା । ଯାହା ଫଳରେ ଶାଗ ମୁଗ ଦରରେ ଚାଷୀମାନଙ୍କର ଥିବା କେଣେ ମାଣେ ଚାଷ ଜମିକୁ ଚାଷୀମାନେ ସରକାରଙ୍କ ହାତରେ ଟେକି ଦେବାକୁ ବାଧ ହେଲେ । ତତ୍‌କାଳୀନ ସ୍ଥାନୀୟ ଲୋକ ପ୍ରତିନିଧି, ବିଧାୟକ ଏହା ଦେଖି ଜାଣି ମଧ୍ୟ ନଦେଖିଲା ପରି ନଶୁଣିଲା ପରି ଅଭିନୟ କରି ଲୋକମାନଙ୍କର ଭାତ ହାଣ୍ଡିକୁ ଭାଙ୍ଗି ଦେଲେ । ତଥାପି ନିଜର ଲୋକ ପ୍ରତିନିଧି ଓ ବିଧାୟକଙ୍କ ଠାରୁ ଆସ୍ଥା ହରାଇଥିଲେ ମଧ୍ୟ ଏହି କ୍ଷତି ଗ୍ରସ୍ତ ଲୋକ ବା ଚାଷୀମାନେ ସେମାନଙ୍କର ପ୍ରୀୟ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ସମ୍ମାନ, ଶ୍ରଦ୍ଧା ଓ ଆସ୍ଥା ପ୍ରକଟ କରି କାର୍ଯ୍ୟକରୁଛନ୍ତି । ଦୀର୍ଘ ବର୍ଷଧରି ଯେଉଁ ଗ୍ରାମବାସୀ ମାନେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ବିରୋଧ କରି ଆସୁଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଗତ ନିର୍ବାଚନଗୁଡ଼ିକରେ ନିଜର ସମସ୍ତ ସମସ୍ୟା ଓ ଦୁଃଖକୁ ପଛରେ ପକାଇ ବିଧାୟକଙ୍କୁ ନିର୍ବାଚିତ କରିବା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇ ତାଙ୍କୁ ବିଜୟ ମୁକୁଟ ପିନ୍ଧାଇ ଆସୁଛନ୍ତି । ଆଜି ବି ସେମାନଙ୍କର ବିଶ୍ୱାସ ଅଛି ସେମାନଙ୍କର ପ୍ରୀୟ ଲୋକ ପ୍ରତିନିଧି ଓ ସେମାନଙ୍କର ପ୍ରୀୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଦିନେନା ଦିନେ ସେମାନଙ୍କର ଦୁଃଖ ଶୁଣିବେ । ସେମାନଙ୍କର ଏ ବିଶ୍ୱାସ ସରକାରଙ୍କ ଉପରେ ରହିଛି । ଦିନେ ଦୁଃଖିତ ଓବିମୁଖଥିବା ଏହି ଗ୍ରାମବାସୀ ଓ ଚାଷୀମାନେ ଆଜି ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇ ଆସୁଛନ୍ତି । ଏବଂ ମୁଖ୍ୟମନ୍ତ୍ରୀ ପ୍ରତି ସେମାନଙ୍କର ଆସ୍ଥା ଓ ଆନୁଗତ୍ୟ ଅକ୍ଷୁର୍ଣ୍ଣ ରଖିଛନ୍ତି । ବିସ୍ଥାପିତ ଓ ଗ୍ରାମବାସୀ ମାନଙ୍କ ମଧ୍ୟରେ ଭାତୃତ୍ୱ ବନ୍ଧନର ସେତୁ ନିର୍ମାଣରେ ସରକାର ମଧ୍ୟ ସହଯୋଗର ହାତ ବଢ଼ାଇବା ଉଚିତ୍ ।

# ରୁଷ ଯୁକ୍ରେନ ଯୁଦ୍ଧ ବିଭୀଷିକା - ଖାଦ୍ୟ ସଙ୍କଟରେ ବିଶ୍ୱ

● ପ୍ରଦୀପ ମିଶ୍ର

ସୂଚନା ମୁତାବକ ରୁଷର ଯୁକ୍ରେନ ଉପରେ ଆକ୍ରମଣ ଯୋଗୁ ପାଶ୍ଚାତ୍ୟ ଦେଶମାନେ ରୁଷ ଉପରେ ସମସ୍ତ ପ୍ରକାର ଦ୍ରବ୍ୟ ଆମଦାନୀ ଓ ରପ୍ତାନି ଉପରେ କଟକଣା ଲଗାଇଛନ୍ତି ଯେଉଁ କାରଣରୁ ରୁଷର ଗହମ ବିଶ୍ୱ ବଜାରରେ ପହଞ୍ଚୁନାହିଁ ।ରୁଷ-ଯୁକ୍ରେନ ଯୁଦ୍ଧ ମଧ୍ୟରେ ବିଶ୍ୱ ଅନେକ ସଙ୍କଟ ସହ ମୁକାବିଲା କରୁଛି । କେବଳ ସାମରିକ ସୁରକ୍ଷା ଏକ ସମସ୍ୟା ନୁହେଁ ଅଶୋଧିତ ତୈଳ ଏବଂ ଏଲପିଜି ଗ୍ୟାସର ମୂଲ୍ୟ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହି ସମୟରେ ବିଶ୍ୱ ସାମ୍ନାରେ ଆଉ ଏକ ବଡ ସଙ୍କଟ ବ୍ୟାପିବାରେ ଲାଗିଛି । କରୋନା ମହାମାରୀରୁ ମୁକ୍ତି ପାଇବା ପରେ ଅର୍ଥନୈତିକ ସଙ୍କଟ ମଧ୍ୟରେ ଗତିକରୁଥିବା ବିଶ୍ୱ ସମୁଦାୟ ପାଇଁ ଏବେ ଖାଦ୍ୟ ସଙ୍କଟ ମୁଣ୍ଡବ୍ୟଥାର କାରଣ ସାଜିଛି ।

ବର୍ତ୍ତମାନ ବିଶ୍ୱର ପ୍ରାୟ ୨.୫ ବିଲିୟନରୁ ଅଧିକ ଜନସଂଖ୍ୟା ଖାଦ୍ୟ ସଙ୍କଟ ଯୋଗୁ ଅନାହାରରେ ଅଛନ୍ତିବିଶେଷ ଭାବରେ ଖାଦ୍ୟ ଅଭାବ ଆଫ୍ରିକାକୁ ଅନାହାର ଏବଂ ପୁଷ୍ଟିହୀନତାର ମଧ୍ୟକୁ ଠେଲି ଦେଇଛି ମିଳିତ ଜାତିସଂଘର ସୂଚନା ଅନୁଯାଇ ଆସନ୍ତା ମାସରେ ଏହି ଅବସ୍ଥା ଆହୁରି ଖରାପ ହେବାର ସମ୍ଭାବନା ଦେଖାଦେଇଛି ଏଥି ସହିତ ରୁଷ -ଯୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବର୍ତ୍ତମାନ ସୁଦ୍ଧା କୌଣସି ଚୂଡ଼ାନ୍ତ ନିଷ୍ପତିରେ ପହଂଚିବା ପରି ମନେ ହେଉନାହିଁ । ଆମେରିକା ପ୍ରତିବନ୍ଧକକୁ ହଟାଇବା ପରିବର୍ତ୍ତେ ରୁଷକୁ ଯୁକ୍ରେନର ଗହମ ଚୋରି କରିଥିବା ଅଭିଯୋଗ କରିଛି । ଉଭୟ ରୁଷ -ଯୁକ୍ରେନ ସାଧାରଣତ ବିଶ୍ୱ ଗହମ ରପ୍ତାନୀର ଏକ ତୃତୀୟାଂଶ ରପ୍ତାନି କରନ୍ତି ଜାତିସଂଘର ତଥ୍ୟ ଅନୁଯାୟୀ, ଆଫ୍ରିକୀୟ ଦେଶମାନେ ରୁଷ ଏବଂ ଯୁକ୍ରେନରୁ ୨୦୧୮ ରୁ ୨୦୨୦ ମଧ୍ୟରେ ଗହମର ୪୪ ପ୍ରତିଶତ ଆମଦାନି କରିଥିଲେ ଆଫ୍ରିକୀୟ ବିକାଶ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଗହମ ଯୋଗାଣରେ ବ୍ୟାଘାତ ହେତୁ ଗହମର ମୂଲ୍ୟ ପ୍ରାୟ ୪୫% ବୃଦ୍ଧି ପାଇଛି ।

ୟୁରୋପ, ପଶ୍ଚିମ ଏସିଆ ଏବଂ ଉତ୍ତର ଆଫ୍ରିକାର ଦେଶ ଗୁଡିକ ଖାଦ୍ୟ ଅଭାବକୁ ନେଇ ସଂଘର୍ଷ କରୁଛନ୍ତି ।ଏହି ସମୟରେ ଭାରତ ପଡୋଶୀ ଦେଶ ମାନଙ୍କୁ ସହଯୋଗ ର ହାତ ବଢାଇବା ସହିତ ବିଶ୍ୱ ସମୁଦାୟକୁ ଖାଦ୍ୟ ଶସ୍ୟ ରପ୍ତାନି କରୁଛି କ୍ଷମାନବିକତା ଆଧାରରେ ଭାରତ ଶ୍ରୀଲଙ୍କାକୁ ଖାଦ୍ୟ ଶସ୍ୟର ଦୁଇଟି ସାମଗ୍ରୀ ମାଗଣାରେ ଦେଇଛି । ତେବେ ଭାରତ ବର୍ତ୍ତମାନ ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛି । ସରକାରଙ୍କ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଆମେରିକା ଏବଂ ୟୁରୋପୀୟ ଦେଶମାନେ ଅସୁବିଧାରେ ପଡ଼ିଛନ୍ତି । ତେବେ ଅନାହାର ସହିତ ଲଢୁଥିବା ଦେଶମାନଙ୍କ ଅନୁରୋଧ କ୍ରମେ ଗହମର ଜରୁରୀକାଳୀନ ପରିବହନ ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶୃତି ଦେଇଛନ୍ତି । ନିକଟରେ ବିଶ୍ୱ ଖାଦ୍ୟ ସୁରକ୍ଷା କମିଟିର ମୁଖ୍ୟ ଗାବ୍ରିଏଲ ଫେରେରୋ ଏକ ଚେତାବନୀ ଦେଇଛନ୍ତି । ସେ କହିଥିଲେ ଯେ କରୋନା ମହାମାରୀ ବିଶ୍ୱ ସାମ୍ନାରେ ଏକ ବଡ ସଙ୍କଟ ସୃଷ୍ଟି କରିସାରିଛି ଏବେ ବିଶ୍ୱରେ କ୍ଷୁଧା ବୃଦ୍ଧି ପାଇବାରେ ଲାଗିଛି । ଏଭଳି ପରିସ୍ଥିତିରେ ଏବେ ଦୁଇ ପ୍ରମୁଖ ଦେଶ ମଧ୍ୟରେ ଯୁଦ୍ଧ ବିଶ୍ୱ ସମୁଦାୟକୁ ଚିନ୍ତିତ କରିଛି ବର୍ତ୍ତମାନ ମହାମାରୀ ଅପେକ୍ଷା ୧୬୧ ନିୟୁତ ଲୋକ ଅନାହାରରେ ପୀଡିତ ଅଛନ୍ତି । ବର୍ତ୍ତମାନ, ସେମାନଙ୍କର ସଂଖ୍ୟା ପାଖାପାଖି ୮୨୧ ନିୟୁତ ଅଟେ ।

ଏହି ଦୁଇ ଦେଶରୁ ପ୍ରାୟ ୫୦ ଟି ଦେଶକୁ ଖାଦ୍ୟ ଶସ୍ୟ ରପ୍ତାନି କରାଯାଏ, କିନ୍ତୁ ଯୁଦ୍ଧ ଯୋଗୁ ଖାଦ୍ୟ ସଙ୍କଟ ଦେଖାଦେଇଛି ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ପୂର୍ବ ରେକର୍ଡ ଭାଙ୍ଗିଛି । କୋଭିଡ -୧୯ ମହାମାରୀ ପରେ ବିଶ୍ୱ ଏକ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି, 'ଗ୍ଲୋବାଲ୍ ଫୁଡ୍ ସିକ୍ୟୁରିଟି କଲ୍ ଟୁ ଆକ୍ସନ୍' ଉପରେ ସୁରକ୍ଷା ପରିଷଦ ବୈଠକ ପୂର୍ବରୁ ଏକ ବିବୃତ୍ତିରେ ସେ କହିଛନ୍ତି ଯେ ଦୁଇ ବର୍ଷ ମଧ୍ୟରେ ଭୋକର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି । ମହାମାରୀ ପୂର୍ବରୁ ଏହି ସଂଖ୍ୟା ୧୩୫ ନିୟୁତ ଥିଲା, ଯାହା ବର୍ତ୍ତମାନ ୨୭୬ ମିଲିୟନକୁ ବୃଦ୍ଧି ପାଇଛି କ୍ଷଗହମ ରପ୍ତାନିରେ ରୁଷ ହେଉଛି ବିଶ୍ୱର ସର୍ବବୃହତ ରପ୍ତାନୀକାରୀ ଦେଶକଳା ସାଗର ଅଞ୍ଚଳ ଭାବରେ ମାନ୍ୟତା ପାଇଥିବା ଏହି ଦୁଇ ଦେଶ ସର୍ବଭାରତୀୟ ସ୍ତରରେ ବାଣିଜ୍ୟ ହୋଇଥିବା ସମସ୍ତ ଖାଦ୍ୟ କ୍ୟାଲୋରୀର ୧୨ ପ୍ରତିଶତ ଉତ୍ପାଦନ କରନ୍ତି ବିଶ୍ୱର ଗହମ ରପ୍ତାନୀର ୨୯ ପ୍ରତିଶତ,ମକା ରପ୍ତାନୀର ୧୯ ପ୍ରତିଶତ ଏବଂ ସୂର୍ଯ୍ୟମୁଖୀ ତୈଳ ରପ୍ତାନୀର ୭୮ ପ୍ରତିଶତ ଉଭୟ ଦେଶରୁ ହିଁ ହୋଇଥାଏ ।

ଏଥିସହ ନାଇଟ୍ରୋଜେନ୍ ସାର ରପ୍ତାନିରେ ରୁଷ ବିଶ୍ୱରେ ଶୀର୍ଷରେ ଥିବାବେଳେ ପୋଟାସିୟମ୍ ସାର ରପ୍ତାନିରେ ଦ୍ୱିତୀୟ ଏବଂ ଫସଫରସ୍ ସାରରେ ତୃତୀୟ ସ୍ଥାନରେ ରହିଛି । ଏହିପରି କେବଳ ଖାଦ୍ୟ ନୁହେଁ ସାର ପାଇଁ ବିଶ୍ୱ ରୁଷ ଉପରେ ନିର୍ଭରଶୀଳ କ୍ଷ ବିଶ୍ୱର ପ୍ରାୟ ୫୦ ଟି ଦେଶ ଖାଦ୍ୟ ଯୋଗାଣ ପାଇଁ ବିଶେଷତ ଗହମ, ମକା ଏବଂ ସୂର୍ଯ୍ୟମୁଖୀ ତେଲ ପାଇଁ ରୁଷ -ଯୁକ୍ରେନ ଉପରେ ନିର୍ଭର କରନ୍ତି ଏହି ଦେଶଗୁଡିକ ମଧ୍ୟରୁ ଅଧିକାଂଶ ଗରିବ ଏବଂ ଏସିଆ, ମଧ୍ୟ ପୂର୍ବ ଏବଂ ଆଫ୍ରିକାରୁ ଆମଦାନୀ ଖାଦ୍ୟ ଶସ୍ୟ ଉପରେ ନିର୍ଭରଶୀଳ ଦେଶ ୨୦୨୧ ରେ ଖାଦ୍ୟ ସଙ୍କଟ ଦେଇ ଗତି କରୁଥିବା ୫୩ ଟି ଦେଶ ମଧ୍ୟରୁ ୩୬ ଟି ଯୁକ୍ରେନ ଏବଂ ରୁଷର ରପ୍ତାନି ଉପରେ ସେମାନଙ୍କର ମୋଟ ଗହମ ଆମଦାନୀରୁ ୧୦ ପ୍ରତିଶତରୁ ଅଧିକ ନିର୍ଭରଶୀଳ ଥିଲେ ।

ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ (ଡବ୍ଲୁଏଫ୍ପି) ଅନୁଯାୟୀ କେବଳ ପୂର୍ବ ଆଫ୍ରିକାରେ ଯେଉଁଠାରେ ଗହମ ଏବଂ ଗହମ ଉତ୍ପାଦ ହାରାହାରି ଶସ୍ୟ ବ୍ୟବହାରର ଏକ ତୃତୀୟାଂଶ ଅଟେ, ମୋଟ ଗହମ ଆମଦାନୀ ମଧ୍ୟରୁ ୯୦ ପ୍ରତିଶତ ଉଭୟ ଦେଶରୁ ଆସିଥାଏ । ମିଳିତ ଜାତିସଂଘ ଅନୁଯାୟୀ, ବିଶ୍ୱର ୫୦ ଲକ୍ଷରୁ ଅଧିକ ଲୋକ ଦୁର୍ଭିକ୍ଷ ଅବସ୍ଥାରେ ଜୀବନ ବିତାଉଛନ୍ତି, ଯାହା ୨୦୧୬ ତୁଳନାରେ ପ୍ରାୟ ୫୦୦ ପ୍ରତିଶତ ବୃଦ୍ଧି ପାଇଛି । ଯଦି ଏଭଳି ଅବସ୍ଥା ଜାରି ରହେ ତେବେ ଶସ୍ୟ ଏବଂ ଖାଇବା ତେଲରେ ବର୍ତ୍ତମାନର ସଙ୍କଟ ଆହୁରି ଘନୀଭୂତ ହୋଇପାରେ, ଯାହା ଅନ୍ୟ ଖାଦ୍ୟ ସାମଗ୍ରୀ ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଏହା ଏସିଆ ଏବଂ ଆମେରିକାର କୋଟି କୋଟି ଲୋକଙ୍କୁ ପ୍ରଭାବିତ କରିପାରେ ।

ମେ ୧୪ ରେ ଗହମ ରପ୍ତାନି ଉପରେ ଭାରତର ନିଷେଧାଦେଶକୁ ପାଶ୍ଚାତ୍ୟ ଦେଶମାନେ ସମାଲୋଚନା କରିଛନ୍ତି । ମିଳିତ ଜାତିସଂଘ ସୁରକ୍ଷା ପରିଷଦର ବୈଠକରେ ଜି -୭ ଦେଶ ଭାରତକୁ ନିଜର ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ କହିଛନ୍ତି । ଯଦିଓ ଗହମ ଉତ୍ପାଦନରେ ଭାରତ ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର , ଭାରତ ସାଧାରଣତ ଗହମ ରପ୍ତାନି କରେ ନାହିଁ ବର୍ତ୍ତମାନର ଗହମ ଯୋଗାଣର ଅଭାବକୁ ଦୃଷ୍ଟିରେ ରଖି ଭାରତ ପୂର୍ବରୁ ୧୦ ନିୟୁତ ଟନ୍ ରପ୍ତାନି କରିବାକୁ ପ୍ରତିଶୃତି ଦେଇଥିଲା, ଯାହା ବିଶ୍ୱରେ ସୃଷ୍ଟି ହୋଇଥିବା ସଙ୍କଟକୁ ଦୂର କରିବା ଉଦ୍ଦେଶ୍ୟରେ ଭାରତର ଏକ ମୂଲ୍ୟବାନ ସହଯୋଗ ବୋଲି ବିଚାର କରାଯାଇ ପାରେ ।ସମ୍ପ୍ରତି ସଙ୍କଟକୁ ସୂଚାଇ ଜାତିସଂଘ ଏଜେନ୍ସି ଏବଂ ବିଶ୍ୱ ବ୍ୟାଙ୍କ ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାକୁ ବିଶ୍ୱ ସମୁଦାୟକୁ ଆହ୍ୱାନ କରିଛନ୍ତି । ଖାଦ୍ୟ ନିରାପତ୍ତା ତଥା ଖାଦ୍ୟ ସଙ୍କଟ ଦେଖାଯାଉଥିବା ଦେଶଗୁଡିକରେ ପୁଷ୍ଟିକର ଖାଦ୍ୟ ଯୋଗାଣ ବୃଦ୍ଧି ଲକ୍ଷ୍ୟରେ ବିଶ୍ୱବ୍ୟାଙ୍କ ୧୮ ମଇରେ ୩୦ ବିଲିୟନ ଡଲାରର ଆର୍ଥିକ ସହାୟତା ଘୋଷଣା କରିଛି ।

(ଭୁବନେଶ୍ୱର)



# ଓଡ଼ିଶା ସଂଦେଶ

ଭୁବନେଶ୍ୱର, ଜୁଲାଇ ୪-୧୦,୨୦୨୨





## ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା



ବେଙ୍ଗାଲୁରୁ : ବେଙ୍ଗାଲୁରୁର ଆଗରାଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ଭକ୍ତିପୁତ ପରିବେଶ ମଧ୍ୟରେ ପବିତ୍ର ରଥଯାତ୍ରା ପର୍ବ ପାଳନ କରାଯାଇଛି । ଏଠାରେ ବଢି ଭୋରରୁ ମଂଗଳ ଆରତୀ, ଅବକାଶ, ମଇଲମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ସାହାଣମେଲା ଆଦି ରୀତିନୀତିକୁ ଯଥାବିଧି ସମ୍ପନ୍ନ କରାଯାଇଥିଲା । ଦିନ ୧୨ ଟା ୧୫ରେ ଚାରି ଠାକୁରଙ୍କ ପହଣ୍ଡି ବିଜେ ଆରମ୍ଭ କରାଯାଇଥିଲା । ମନ୍ଦିର ବେଢ଼ାରେ ଥିବା ସୁନ୍ଦର, ସୁରମ୍ୟ ଓ ସୁଶୋଭିତ ୨୮ ଫୁଟ ଉଚ୍ଚ ରଥ ଉପରକୁ ଠାକୁରମାନଙ୍କୁ ଭକ୍ତ ମାନଙ୍କର କୀର୍ତ୍ତନ ତଥା ଜୟ ଜଗନ୍ନାଥ ଧ୍ୱନିମଧ୍ୟରେ ନିଆଯାଇଥିଲା । ମନ୍ଦିରର ଟ୍ରଷ୍ଟି ସୀତିକଣ୍ଠ ଷଡ଼ଙ୍ଗୀ ଛେରା ପହଁରା କରିବା ପରେ ଅପରାହ୍ନ ୨ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା । ରଥଟିକୁ ଦୀର୍ଘ ୧ କିମି ପର୍ଯ୍ୟନ୍ତ ଟଣାଯାଇ ସନ୍ଧ୍ୟା ୬ଟା ବେଳେ ମାଉସୀମା ମନ୍ଦିର ନିକଟରେ ପହଁଞ୍ଚାଯାଇଥିଲା । ପାଗ ମେଘୁଆ ଥିବାରୁ ପ୍ରାୟ ୨୫୦୦୦ ଦର୍ଶକ ରଥ ଉପରେ ଚ଼ତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ କରିଥିବା ଦେଖା ଦେଇଥିଲା । ରଥଯାତ୍ରା ଉତ୍ସବରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ବାସବରାଜ ଏସ୍ ବୋମାଇ, କେନ୍ଦ୍ରୀୟ ବେଙ୍ଗାଲୁରୁର ସାଂସଦ ପିସି ମୋହନ, ରାଜ୍ୟମନ୍ତ୍ରୀ ଅରବିନ୍ଦ ଲିମ୍ବାଭଲି ଏବଂ ବିଧାୟକ ସତୀଶ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ ।

## ନଭି ମୁମ୍ବାଇରେ ୧୭ବର୍ଷ ହେଲା ମୁସଲମାନ କରୁଛନ୍ତି ରଥଯାତ୍ରା



ଭୁବନେଶ୍ୱର/ମୁମ୍ବାଇ: ନଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ୧୭ବର୍ଷ ହେଲା ଚ଼ାଲିଛି ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା । ୨୦୦୬ମସିହାରୁ ଉଦ୍ୟୋକ୍ତା ଭାବେ ରାମ ପ୍ରସାଦ ମୁଦୁଲି ରଥ ଯାତ୍ରା ଆରମ୍ଭ କରିଥିଲେ । ୨୦୦୮ରୁ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ ଓଡିଆ ସାମିଲ ହୋଇ ଟ୍ରଷ୍ଟର ସଦସ୍ୟ ଓ ସେବକମାନେ ସହଯୋଗ ଦ୍ୱରା ଏହି ରଥଯାତ୍ରା ମହୋତ୍ସବ ହୋଇ ଆସୁଛି । ତେବେ ସେଠାରେ ଦିର୍ଘ୧୭ବର୍ଷ ହେଲା ମହମ୍ମଦ ହାନିଫ୍ କାଡ଼ି ଏହି ରଥ ତିଆରି କରୁଛନ୍ତି । ସେ ରଥ କରିବା ବେଳେ ତାଙ୍କୁ ଭିନ୍ନ ଏକ ଭକ୍ତ ଶାଲବେଗ ବୋଲି କୁହନ୍ତି । ୨୪ଫୁଟିଆ ଏହି ରଥରେ ୪ଟି ଘୋଡା, ସିଂହାସନରେ ଠାକୁରଙ୍କ ଆସନ, ରାହୁ ମୁଣ୍ଡ, ମାଛ, ଜୟା ବିଜୟା, ପରମ୍ପରା ଅନୁଯାୟୀ ଦଣ୍ଡା, ଚ଼କ୍ର, କଳସ, ଓଲଟା ଶୁଆ, ଖପୁରୀ, ରୁଷି ପଟା, କନକ, ମୁଣ୍ଡାଇ, ମକର, ଦଣ୍ଡା, ଗଇପଟା, ଜାଲି, ସିଂହଦ୍ୱାର, ବଙ୍କି, ପତାକା, ଦଧିନଉତି, ପାରା ଭାଡ଼ି, କୁମ୍ଭିପଟା, ଷୋଳ ନାହାକା, ସାରଥୀ ପିଢ଼ା, ଭୂମି, ହଂସ ପଟା, କଣି, ଦାଣ୍ଡିଆ, ଅରା ଓ ପାର୍ଶ ଦେବତା ଆଦି ତିଆରିକରି ରଥକୁ ପ୍ରସ୍ତୁତ କରିଛନ୍ତି । କାଡ଼ିଙ୍କ କହିବା ଅନୁଯାୟୀ ମୋର ପିତା ମାତାଙ୍କ ଆଶୀର୍ବାଦ ଯୋଗୁଁ ଓ ଆଲ୍ଲା ଓ ଶ୍ରୀ ଜଗନ୍ନାଥଙ୍କ କୃପାରୁ ରଥ ନିର୍ମାଣ ହୋଇପାରୁଛି । ଚ଼ଳିତ ଥର୧୭ବର୍ଷ ରଥ ତିଆରି କରୁଛି । ଟ୍ରଷ୍ଟର ସଦସ୍ୟମାନଙ୍କ ସହଯୋଗରେ ୪୦ ଦିନ ପରିଶ୍ରମ କରିବା ପରେ ସୁନ୍ଦର ରଥ ହୋଇପାରିଛି । ପ୍ରକାଶ ଥାଉକି, ପରମ୍ପରା ଅନୁଯାୟୀ ଏଥର ନଭି ମୁମ୍ବାଇରେ କରୋନା ଯୋଗୁଁ ୨ବର୍ଷ ବନ୍ଦ ପରେ ପୁଣି ରଥଯାତ୍ରା ହେବ । ରଥ କାମ ଶେଷ ପର୍ଯ୍ୟାୟରେ ପହଂଚ଼ିଥିବା ବେଳେ ଠାକୁରଙ୍କ ନବ ଯୌବନ ଦର୍ଶନ ଦେଇଛନ୍ତି । ଟ୍ରଷ୍ଟର ସଦସ୍ୟ ଓ ସେବକମାନଙ୍କ ଦ୍ୱରା ଆୟୋଜନ ଏହି ମହୋତ୍ସବରେ ପ୍ରତିଦିନ ୫ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି ।

## ବିଶ୍ୱରେ ଭାରତକୁ ଶିଖରରେ ରଖିବା ପାଇଁ ଜାତୀୟ ଶିକ୍ଷା ନୀତି ଏକ ରୋଡ଼ମ୍ୟାପ୍ : ଧର୍ମେନ୍ଦ୍ର




ହାଇଦ୍ରାବାଦ:ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୀତ ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦(ଏନଇପି) ବିଶ୍ୱର ପରିବର୍ତିତ ଦୃଶ୍ୟପଟ୍ଟରେ ଭାରତକୁ ଶିଖରରେ ରଖିବା ପାଇଁ ଏକ ରୋଡ଼ମ୍ୟାପ୍ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ନିକଟରେ ଆଇଆଇଟି ହାଇଦ୍ରାବାଦ ଠାରେ ଟେକ୍ନୋଲୋଜି ଇନୋଭେସନ ପାର୍କ ଓ ରିସର୍ଚ୍ଚ ସେଂଟର କମ୍ପଲେକ୍ସ ଉଦ୍‌ଘାଟନ ସହ ବିଭିଆର୍ ମୋହନ ରେଡ୍ଡୀ ନବସୃଜନ ଏବଂ ଉଦ୍ୟମିତା ସ୍କୁଲର ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରୀନକୋ ସ୍କୁଲ୍ ଅଫ୍ ସଷ୍ଟେନେବଲ ସାଇନ୍ସ ଏଣ୍ଡ୍ ଟେକ୍ନୋଲୋଜି ପ୍ରତିଷ୍ଠା ପାଇଁ ଆଇଆଇଟି ହାଇଦ୍ରାବାଦ୍ ଏବଂ ଗ୍ରୀନକୋ ଗ୍ରୁପ୍ ମଧ୍ୟରେ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା ।

ଆଇଆଇଟି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଶିଳ୍ପ ବିପ୍ଲବ ୪.୦ ରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଯାଉଛି । ଏହି ସମୟରେ ଭାରତ କେବଳ ଏକ ଉପଭୋକ୍ତା ରାଷ୍ଟ୍ର ହୋଇ ରହିବ ନାହିଁ । ତେଣୁ ଆମକୁ ଆତ୍ମନିର୍ଭର ହେବା ସହ ବିଶ୍ୱ କଲ୍ୟାଣ ପାଇଁ କାମ କରିବାକୁ ନୂତନ ମଡ଼େଲ ଏବଂ ନବସୃଜନକୁ ଆପଣାଇବାକୁ ପଡ଼ିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତର ପରିକଳ୍ପନାକୁ ଆମକୁ ସାକାର କରିବାକୁ ହେବ । ଦକ୍ଷତା ବିକାଶ ଆଜୀବନ ପ୍ରକିୟା ହୋଇଥିବାରୁ ଜାତୀୟ ଶିକ୍ଷା ନୀତିରେ ଶିକ୍ଷା ବ୍ୟବସ୍ଥା ସହ ଦକ୍ଷତା ବିକାଶକୁ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଛି । ଆଇଆଇଟି ହାଇଦ୍ରାବାଦ୍ ଭାରତକୁ ବୈଶ୍ୱିକ ବ୍ରାଣ୍ଡ୍ ଭାବରେ ସ୍ଥାପିତ କରିବା ସହ ଅମୃତ କାଳ ସମୟରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ପରିଷ୍କାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅନୁଷ୍ଠାନ ସାମାଜର ଆବଶ୍ୟକତାକୁ ପୂରଣ କରିବା ସହ ବିଶ୍ୱର ସମସ୍ୟାକୁ ସମାଧାନ କରିବା ଦିଗରେ ନିଜର ଭୂମିକାକୁ ପ୍ରତିପାଦିତ କରିବା ଦରକାର । ଆଇଆଇଟି ହାଇଦ୍ରାବାଦ୍ ଶିକ୍ଷା ପ୍ରଦାନ କରିବା ସହ ଦକ୍ଷତା ବିକାଶ ଓ ଉଦ୍ୟମୀ ପ୍ରସ୍ତୁତ କରିବା ଦିଗରେ କାର୍ଯ୍ୟ କରିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି ।

## ନୁପୂର ଶର୍ମା କ୍ଷମା ମାଗନ୍ତୁ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ : ପ୍ରଫେଟ୍ ମହମ୍ମଦଙ୍କ ଉପରେ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ନୁପୂର ଶର୍ମାଙ୍କୁ ସୁପ୍ରିମକୋର୍ଟ କଡା ଭାଷାରେ ଭତ୍ସନା କରିଛନ୍ତି । ଏହା ସହିତ ଟିଭି ସାମ୍ନାରେ ଆସି ସେ ପୂରା ଦେଶକୁ କ୍ଷମା ମାଗନ୍ତୁ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ସେହିପରି ନୁପୁର ଶର୍ମାଙ୍କ ବିରୋଧରେ ମାମଲାକୁ ଟ୍ରାନ୍ସଫର କରିବାକୁ ମନା କରି ଦେଇଛନ୍ତି ଏବଂ ତାଙ୍କୁ ହାଇକୋର୍ଟ ଯିବାକୁ କହିଛନ୍ତି ।

ଏହି ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ନୁପୁର ଶର୍ମାଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ତାଙ୍କର ଅସନ୍ତୋଷ ଜାହିର କରିଥିଲେ । ହାଇକୋର୍ଟରୁ ମାମଲାକୁ ଟ୍ରାନ୍ସଫର କରିବା ପାଇଁ ନୁପୁରଙ୍କ ଅପିଲରେ ସୁପ୍ରିମକୋର୍ଟ ଶୁଣାଣି କରି କହିଥିଲେ ଯେ, ନୁପୁରଙ୍କ ମନ୍ତବ୍ୟ ଦେଶର ଅନେକ ଲୋକଙ୍କ ଭାବନାକୁ ଆଘାତ ଦେଇଛି । ଆଜି ଯାହା କିଛି ଦେଶରେ ହେଉଛି ସେଥିପାଇଁ ସେ ଦାୟି ଅଟନ୍ତି ।

କୋର୍ଟ କହିଛନ୍ତି ଯେ ଆମେ ସେଦିନର ଡିବେଟ ଦେଖିଛୁ ଏବଂ ଏହାକୁ ଉତ୍ତେଜିତ କରିବାକୁ ଚେଷ୍ଟା କରାଯାଇଛି । କିନ୍ତୁ ଏହା ପରେ ନୁପୁର ଯାହା କହିଛନ୍ତି ତାହା ଅଧିକ ଲଜ୍ଜାଜନକ ଅଟେ । ନୁପୁର ଶର୍ମା ଏବଂ ତାଙ୍କର ଭାଷା ସମଗ୍ର ଦେଶରେ ନିଆଁ ଲଗାଇ ଦେଇଛି । ଉଦୟପୁରରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣା ପାଇଁ ସେ ଦାୟୀ ।

## ଡିବିଟି ଜରିଆରେ ଆପ୍ରେଣ୍ଟିସମାନଙ୍କୁ ମିଳିବ ସିଧାସଳଖ ଆର୍ଥିକ ସହାୟତା



ନୂଆଦିଲ୍ଲୀ, (ପିଆଇବି): ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ (ଏମଏସଡିଇ) ପକ୍ଷରୁ ଜାତୀୟ ଆପ୍ରେଣ୍ଟିସସିପ୍ ପ୍ରୋତ୍ସାହନ ଯୋଜନା (ଏନଏପିଏସ) ଶୁଭାରମ୍ଭ କରାଯାଇଛି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନାର ଅଂଶବିଶେଷ ଭାବେ ଏନଏପିଏସ ସ୍କିମ୍ ମାଧ୍ୟମରେ ସବୁ ଆପ୍ରେଣ୍ଟିସମାନଙ୍କୁ ସରକାରଙ୍କ ପକ୍ଷରୁ ସିଧାସଳଖ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏଥିପୂର୍ବରୁ କମ୍ପାନୀମାନେ ଆପ୍ରେଣ୍ଟିସ୍ ବା ବୃତ୍ତିଗତ ପ୍ରଶିକ୍ଷାର୍ଥୀମାନଙ୍କୁ ପାରିଶ୍ରମିକ ବାବଦ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରୁଥିଲେ ଏବଂ ଏହାପରେ ସରକାରଙ୍କ ଠାରୁ ଆର୍ଥିକ ପରିଶୋଧ ଦାବି କରୁଥିଲେ । ଏବେ ଡିବିଟି ଯୋଜନା ଆରମ୍ଭ ହେବା ପରେ ସରକାର ଜାତୀୟ କୌଶଳ ବିକାଶ ନିଗମ (ଏନଏସଡିସି) ଜରିଆରେ ସିଧାସଳଖ ଆପ୍ରେଣ୍ଟିସମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥରାଶି ହସ୍ତାନ୍ତର କରିବେ । ସେମାନଙ୍କୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ମାସିକ ଷ୍ଟାଇପେଣ୍ଡର ୨୫% ପ୍ରତିଶତ ପ୍ରଦାନ କରାଯିବ । ସରକାରଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସ୍କିଲ ଇଣ୍ଡିଆ ଅଧୀନରେ ଆପ୍ରେଣ୍ଟିସସିପ୍କୁ ବ୍ୟାପକ ପ୍ରୋତ୍ସାହନ ମିଳୁଛି । ଜାତୀୟ ଆପ୍ରେଣ୍ଟିସସିପ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ, ପ୍ରଥମ ପର୍ଯ୍ୟାୟରେ ଆପ୍ରେଣ୍ଟିସମାନଙ୍କୁ ଡିବିଟି ଜରିଆରେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଷ୍ଟାଇପେଣ୍ଡ ବାବଦ ସବସିଡି ପଠାଯାଇଛି । ଏହା କେବଳ ଆପ୍ରେଣ୍ଟିସସିପ ବା ବୃତ୍ତିଗତ ପ୍ରଶିକ୍ଷଣକୁ ପ୍ରୋତ୍ସାହନ ଦେବ ନାହିଁ ବରଂ ସ୍କିଲ ଇଣ୍ଡିଆର ବାସ୍ତବ ସମ୍ଭାବନାକୁ ସାକାର କରିବା ଦିଗରେ ସହାୟକ ସାବ୍ୟସ୍ତ ହେବ ।

## ଏକନାଥ ସିନ୍ଦେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ

### ଦେବେନ୍ଦ୍ର ଫଡନ୍‌ବିସ୍ ହେଲେ ଉପ ମୁଖ୍ୟମନ୍ତ୍ରୀ



ମୁମ୍ବାଇ : ମହାରା ଷ୍ଟ୍ର ରାଜନୀତିର ଦୃଶ୍ୟପଟରେ ପରିବର୍ତ୍ତନ ଆସିଛି । ଶିବସେନାର ବିଦ୍ରୋହୀ ଗୋଷ୍ଠୀର ନେତା ଏକନାଥ ସିନ୍ଦେ ଗୁରୁବାର ସଂଧ୍ୟାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ରାଜ୍ୟପାଳ ଭଗତ ସିଂହ କୋଶିୟାରୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରାଇଛନ୍ତି ।ରାଜଭବନର ଦରବାର ହଲରେ ଆୟୋଜିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମନ୍ତ୍ରୀ ଭାଗବତ କରାଡ, ରାଓ ସାହେବ ଦାନବେ ସମେତ ଅନେକ ପ୍ରମୁଖ ଲୋକ ଉପସ୍ଥିତ ଥିଲେ । ଏହି ସମୟରେ ଏକନାଥଙ୍କ ପିତା, ପତ୍ନୀ ତଥା ତାଙ୍କ ପରିବାରର ସଦସ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ । ଏକନାଥ ସିନ୍ଦେ ଦିବଙ୍ଗତ ବାଲାସାହେବ ଠାକରେ ତଥା ଦିବଙ୍ଗତ ଧର୍ମବୀର ଆନନ୍ଦ ଦୀଘେଙ୍କ ନାମରେ ଶପଥ ନେଇଛନ୍ତି । ଏହା ପରେ ଦେବେନ୍ଦ୍ର ଫଡଣବିସ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।ଉଲ୍ଲେଖନୀୟ ଯେ ଦଶ ଦିନ ରାଜ୍ୟ ବାହାରେ ରହିବା ପରେ ଏକନାଥ ଶିନ୍ଦେ ମୁମ୍ବାଇ ପହଂଚିଥିଲେ ତଥା ଫଡଣବୀସଙ୍କ ସହ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ କରିବାକୁ ଦାବି ଉପସ୍ଥାପନ କରିଥିଲେ । ଏହା ପରେ ଏଠାରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଫଡଣବିସ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଏକନାଥ ସିନ୍ଦେଙ୍କ ନାମ ଘୋଷଣା କରିଥିଲେ । ଫଡଣବିସ କହିଥିଲେ ଯେ ସେ ସରକାରରେ ସାମିଲ ହେବେ ନାହିଁ ଏହା ପରେ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ତାଙ୍କୁ ରାଜ୍ୟ ସରକାରରେ ସାମିଲ ହେବାକୁ କହିଥିଲେ । ତେଣୁ ସେ ଆଜି ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

## ଆମେ ବି ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିଥାନ୍ତୁ : ମମତା






ନୂଆଦିଲ୍ଲୀ: ରାଷ୍ଟ୍ରପତି ନିର୍ବାଚ଼ନକୁ ରାଜନୀତି ଜୋର ଧରିଛି । ଏନଡିଏ ପକ୍ଷରୁ ଦ୍ରୌପଦୀ ମୁର୍ମୁ ପ୍ରାର୍ଥୀ ହୋଇଥିବା ବେଳେ ବିରୋଧୀମାନେ ମିଳିତ ଭାବେ ଯଶୋଓ୍ୱନ୍ତ ସିହ୍ନାଙ୍କୁ ନିଜର ପ୍ରାର୍ଥୀ କରିଛନ୍ତି । ଏହାରି ମଧ୍ୟରେ ବଡ ବୟାନ ଦେଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ତାଙ୍କ କହିବା ମୁତାବକ, 'ବିଜେପି ପ୍ରଥମରୁ କଥା ହୋଇଥିଲେ ଆମେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିଥାନ୍ତୁ । ଯଦି ବିଜେପି ଜଣେ ଆଦିବାସୀ ମହିଳାଙ୍କୁ ପ୍ରାର୍ଥୀ ଦେଉଛନ୍ତି ବୋଲି ସୂଚ଼ିତ କରିଥାନ୍ତା, ତେବେ ଆମେ ସମର୍ଥନ କରିଥାନ୍ତୁ । ଆମେ ଚ଼ାହୁଁଛୁ ରାଷ୍ଟ୍ରପତି ନିର୍ବାଚ଼ନ ଶାନ୍ତିପୂର୍ଣ୍ଣ ଭାବରେ ହେଉ ।' ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଦିନ କୋଲକାତାର ଇସ୍କନ ମନ୍ଦିରରେ ପୂଜା-ଅର୍ଚ୍ଚନା କରିଥିଲେ । ଏହି ସମୟରେ ସେ ରାଷ୍ଟ୍ରପତି ନିର୍ବାଚ଼ନ ବିଷୟରେ କହିଥିଲେ ଯେ, ମୁଁ ଦୁଃଖ ଅନୁଭବ କରୁଛି, କିନ୍ତୁ ଦ୍ରୌପଦୀ ମୁର୍ମୁଙ୍କ ଅବସ୍ଥା ବହୁତ ଭଲ । ଯଦି ବିଜେପି ଆଲୋଚ଼ନା କରିଥାନ୍ତା ତେବେ ଆମେ ମଧ୍ୟ ତାଙ୍କୁ ସମର୍ଥନ କରିଥାନ୍ତୁ । କିନ୍ତୁ ଏବେ ବିରୋଧୀ ଯାହା କରିବାକୁ ନିଷ୍ପତ୍ତି ନେବେ, ମୋତେ ତାହା କରିବାକୁ ପଡିବ । ସୂଚ଼ନାଯୋଗ୍ୟ ଯେ, ଜୁଲାଇ ୧୮ରେ ଦେଶରେ ରାଷ୍ଟ୍ରପତି ନିର୍ବାଚ଼ନ ହେବ ।

## ଉଦୟପୁର ହତ୍ୟାକାଣ୍ଡରେ ବଡ ଖୁଲାସା: କହ୍ନେୟାଲାଲଙ୍କୁ ହତ୍ୟା କରିବାକୁ ପାକିସ୍ତାନରୁ ଆସିଥିଲା ନିର୍ଦ୍ଦେଶ





ନୂଆଦିଲ୍ଲୀ: ଉଦୟପୁରର କହ୍ନେୟାଲାଲ ହତ୍ୟାକାଣ୍ଡ ଏକ ବଡ ଖୁଲାସା ହୋଇଛି । ଅଭିଯୁକ୍ତ ଗୌସ ଓ ରିୟାୟଙ୍କୁ ପାକିସ୍ତାନରେ ଥିବା ତାଙ୍କୁ ଗୁରୁ ହିଁ ହତ୍ୟା ପାଇଁ ଆଦେଶ ଦେଇଥିଲେ । ସୂତ୍ରରୁ ମିଳିଥିବା ସୂଚ଼ନା ଅନୁସାରେ, ହତ୍ୟା ପରେ ହ୍ୱାଟ୍ସଆପ ଗ୍ରୁପରେ ଏକ ମେସେଜ୍ କରାଯାଇଥିଲା । ସେଥିରେ ଲେଖାଥିଲା କି, ଦିଆଯାଇଥିବା କାମ ପୂରା ହୋଇଛି । ଏହି ହ୍ୱାଟ୍ସଆପ ଗ୍ରୁପରେ ପାକିସ୍ତାନର କିଛି ଲୋକ ମଧ୍ୟ ସାମିଲ ଥିଲେ ।ସୂଚ଼ନା ଅନୁସାରେ, ପାକିସ୍ତାନରେ ଥିବା ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟ ଅଭିଯୁକ୍ତ ଧାରୁଆ ଅସ୍ତ୍ର ତିଆରି କରିଥିଲେ ଓ ଗୋଟିଏ ଆକ୍ରମଣରେ ମୁଣ୍ଡ ଗଣ୍ଡି ଅଲଗା କରିଥିଲେ । ଗୌସ ଓ ରଜେଙ୍କୁ ଏହି ହତ୍ୟାକାଣ୍ଡ ପାଇଁ ପାକିସ୍ତାନରୁ ନିର୍ଦ୍ଦେଶ ପାଇଥିଲେ । ପାକିସ୍ତାନରୁ ତାଙ୍କୁ ଗୁରୁ ଉଭୟଙ୍କୁ ହତ୍ୟା ପାଇଁ ପ୍ରବର୍ତ୍ତାଇଥିଲେ । ଏହି ହତ୍ୟାକାଣ୍ଡରେ ଆଉ କିଛି ଲୋକ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି । ମହମ୍ମଦ ଗୌସଙ୍କୁ ଧାରୁଆ ଅସ୍ତ୍ର ତିଆରି କରିବାକୁ କୁହାଯାଇଥିଲା । ଏସ.କେ ଇଞ୍ଜିନିୟରିଂ କାରଖାନାରେ ଅସ୍ତ୍ରଶସ୍ତ୍ର ତିଆରି କରାଯାଇଥିଲା । ଭିଡିଓ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ଉତ୍ସାହିତ କରିବା । ଗୌସ ଓ ରିୟାଜ ଭୟ ସୃଷ୍ଟି କରିବାକୁ ତୃତୀୟ ଭିଡିଓକୁ ଭାଇରାଲ୍ କରିବାକୁ ଚ଼ାହୁଁଥିଲେ । ହତ୍ୟା ପୂର୍ବରୁ ଗୌସ ଓ ରିୟାଜ ଦୋକାନରୁ ସିସିଟିଭି ହଟାଇ ଦେଇଥିଲେ ।

ତେବେ ଉଦୟପୁରରେ କହ୍ନେୟାଲାଲଙ୍କୁ ନିର୍ମମ ଭାବେ ହତ୍ୟା କରିବା ଘଟଣା ସମଗ୍ର ଦେଶକୁ ଥରାଇ ଦେଇଛି । ଏହି ହତ୍ୟାକାଣ୍ଡ ଯୋଗୁଁ ସାରା ଦେଶରେ ଅସନ୍ତୋଷ ଦେଖାଦେଇଛି । ଗିରଫ ହୋଇଥିବା ଚ଼ାରିଜଣ ଅଭିଯୁକ୍ତଙ୍କୁ ଏନଆଇଏକୁ ହସ୍ତାନ୍ତର କରାଯାଇଛି । ଏହି ଅଭିଯୁକ୍ତମାନଙ୍କୁ ଆଜି ଜୟପୁର ସ୍ପେଶାଲ କୋର୍ଟରେ ହାଜର କରାଯିବ । କହ୍ନେୟାଲାଲ ହତ୍ୟା ମାମଲାରେ ଆଉ ଏକ ବଡ ଖୁଲାସା ହୋଇଛି । ଘଟଣାସ୍ଥଳରୁ ଏକ ଧଳା ସ୍କୁଟି ମିଳିଛି । ଏହି ସ୍କୁଟି ଗୌସ ମହମ୍ମଦ ନାମରେ ପଞ୍ଜୀକୃତ ହୋଇଛି ଏବଂ ଘଟଣା ଘଟିବା ପରେ ବି ସେଠାରେ ଥିଲା । ଦ୍ୱିତୀୟ ହତ୍ୟାକାରୀ ରିୟାଜର ବାଇକ ମଧ୍ୟ ଉଦ୍ଧାର କରାଯାଇଛି । ହତ୍ୟା ପରେ ଅଭିଯୁକ୍ତମାନେ ୨୬୧୧ ନମ୍ବର ବାଇକରେ ପଳାଇ ଯାଇଥିଲେ । ଏହି ହତ୍ୟାକାଣ୍ଡକୁ ବିରୋଧ କରି ଆଜି ରାଜସ୍ଥାନର ଅନେକ ସହରରେ ଏକ ବନ୍ଦ ଡାକରା ଦିଆଯାଇଛି ।

# ତ୍ରୀଫଳା ଦ୍ୱାରା କି କି ଉପକାର ମିଳିଥାଏ ?



**ତ୍ରିଫଳା ଏକ ଆର୍ଯ୍ୟୁବେଦିକ ଜଡିବୁଟି ଅଟେ। ଏହି ଅଦ୍‌ଭୁତ ଜଡିବୁଟିର ଉପଯୋଗ ହଜାର ହଜାର ବର୍ଷ ପୂର୍ବରୁ ଭାରତରେ ଆର୍ଯ୍ୟୁବେଦିକ ଚିକିତ୍ସାରେ କରାଯାଉଛି।**

ତ୍ରିଫଳା ଏପରି ଏକ ଆର୍ଯ୍ୟୁବେଦିକ ଔଷଧ ଯାହା ଶରୀରର କାୟାକଳ୍ପ କରିପାରେ। ତ୍ରିଫଳା ଖାଇଲେ ବହୁତ ଲାଭ ମିଳେ। ତ୍ରିଫଳା ଚୂର୍ଣ୍ଣ ଏକ ମହତ୍ୱପୂର୍ଣ୍ଣ ଔଷଧ। ଏହା କେବଳ କବ୍‌ଜ ଦୂରକରିପାରେ ନାହିଁ। ପରନ୍ତୁ ଦୁର୍ବଳ ଶରୀରକୁ ଶକ୍ତି ଯୋଗାଇବା ପାଇଁ ଉପଯୋଗ କରାଯାଇପାରେ। ଏହା ହୃଦ୍ ରୋଗ , ଉଚ୍ଚ ରକ୍ତଚାପ ଓ ଅଲ୍‌ସରେଟିଭ୍ କୋଲାଇଟିସ୍ ର ଚିକିତ୍ସା କରିବା ପାଇଁ ବି ଉପଯୋଗ କରାଯାଏ। ତ୍ରିଫଳା ର ଶାବ୍ଦିକ ଅର୍ଥ ହେଉଛି ୩ଫଳ। ବା ୩ଫଳର ମିଶ୍ରଣ। ଏହି ୩ଫଳ ହେଉଛି ହରିଡା , ବାହାଡା ଓ ଅଁଳା। ତ୍ରିଫଳା ଚୂର୍ଣ୍ଣ ପାଇବା ପାଇଁ ୩ଫଳକୁ ଖରାରେ ଶୁଖାଇ ଚୂର୍ଣ୍ଣ କରି ଦିଅନ୍ତୁ। ପରେ ଏହି ଗୁଣ୍ଡକୁ କପଡାରେ ଛାଣି କାଚ ବୋତଲ ରେ ଭରି ରଖିବେ। ଏହି ତ୍ରିଫଳା ଚୂର୍ଣ୍ଣ ପ୍ରାୟ ସବୁ ରୋଗ ପାଇଁ ଲାଭ ଦାୟକ ଅଟେ।

ତ୍ରିଫଳାରେ ରକ୍ତ ଶୋଧକ ଗୁଣ ମିଳିଥାଏ। ଏହା ତ୍ୱଚା ପାଇଁ ବିଶେଷ ଲାଭ ଦାୟକ ହୁଏ। ଏହା ତ୍ୱଚାର ଦୂଷିତ ପଦାର୍ଥ କୁ ହଟାଇ ଦେଇଥାଏ। ଏଥିରେ ଅଁଳା ଥିବାରୁ କୋଲେଜନ୍ ନିର୍ମାଣ ରେ ସହାୟକ ହୁଏ। ମହୁ ସହିତ ଏହାକୁ ଖାଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ ଦୂର ହୋଇଥାଏ।

ତ୍ରିଫଳା କବ୍‌ଜ ଦୂର କରେ। ବିଶେଷ କରି ତ୍ରିଫଳାର ଉପଯୋଗ କବ୍ଜ ହଟାଇବାକୁ କରାଯାଇଥାଏ। ରାତିରେ ଶୋଇବା ପୂର୍ବରୁ ୫ଗ୍ରାମ୍ ତ୍ରିଫଳା ହାଲକା ଗରମ ପାଣିରେ ବା ଖିର ସହ ଖାଇଲେ କବ୍‌ଜ ଦୂର ହୋଇଥାଏ। ତ୍ରିଫଳା କୁ ଇସବଗୋଲ ସହ ଖାଇଲେ ବି ଲାଭ ମିଳିଥାଏ।

ତ୍ରିଫଳା ପାଚନ ତନ୍ତ୍ର ମଜବୁତ କରେ। ଏହା ଅନ୍ତ୍ର ସଫା କରେ। ଏହା ଏକ ବିରେଚକ ଅଟେ। ଯାହା ପୁରୁଣା ମଳ ବାହାରକୁ ବାହାର କରିଦିଏ। ଶରୀରରେ ଏହା ଭୋଜନ ହଜମ କରିବା ସହ ଅମ୍ଳ ଦୋଷ ଦୂର କରେ। ଆର୍ଯ୍ୟୁବେଦ ରେ ଅମ୍ଳ ଦୋଷ କୁ ସବୁ ପ୍ରକାର ରୋଗର କାରଣ କୁହାଯାଏ।

# କଳାଜୀରାର ଫାଇଦା

କଳାଜୀରା ଏକ ଆର୍ଯ୍ୟୁବେଦ ଔଷଧ। ଯାହା ଆମ ଶରୀର କୁ କେତେକ ରୋଗରୁ ରକ୍ଷା କରିଥାଏ । ଏହା ଶରୀରର ଅତ୍ୟଧିକ ଓଜନ କମାଇବାରେ ମଧ୍ୟ ସହାୟକ ହୁଏ। ଏହା ଦ୍ୱାରା ବ୍ଲଡପ୍ରେସର ମଧ୍ୟ କମ୍ ହୁଏ । ସବୁଠାରୁ ବଡ କଥା ଯେ ଏହାର କିଛି ସାଇଡ୍ ଇଫେକ୍ଟ ନ ଥାଏ । ଏହାକୁ ମହତ୍ୱପୂର୍ଣ୍ଣ ଚିକିତ୍ସକ ହର୍ବ କୁହାଯାଏ । ଆସନ୍ତୁ ଜାଣିବା ଏହି କଳା କଳା ଦେଖାଯାଉଥିବା ଜୀରା ର ଉପକାର କେତେ।

ଥଣ୍ଡା - ସର୍ଦ୍ଦି ରୋଗ ହେଲେ ଏହି କଳାଜୀରାକୁ ଗରମ କରି ମଲମଲ କପଡାରେ ବାନ୍ଧି ଏହାକୁ ଶୁଙ୍ଘିବା ଉଚିତ। ଦୁଇ ଦିନରେ ଥଣ୍ଡା ରୋଗ ଭଲ ହୋଇଯିବ।

ଜାଣନ୍ତି, ଇସଲାମ ଅନୁସାରେ ହଜରତ ମୋହମଦ କଳାଜୀରାକୁ ସବୁ ରୋଗର ଔଷଧ କହୁଥିଲେ ।ଏହାର ବହୁବର୍ଣ୍ଣନ ଦେଖବବାକୁ ମିଳେ। ଯେଉଁ ମାନଙ୍କର ତ୍ୱଚାରେ ଧଳା ଧଳା ଚିହ୍ନ ହୋଇଥାଏ। ସେମାନେ ସବୁଦିନ ସକାଳୁ ଗାଧୋଇ ସାରି ଟିକେ କଳାଜୀରା ଖାଇବା ଉଚିତ। କିଛିଦିନ ପରେ ଦାଗ ଲିଭି ଲିଭି ଯିବ। କଳାଜୀରାରେ ଥିବା ଆଣ୍ଟି ଅକ୍‌ସିଡେଣ୍ଟ କ୍ୟାନସର ପରି ଘାତକ ରୋଗରୁ ବ୍ୟକ୍ତିକୁ ବଞ୍ଚାଇ ପାରେ।



# କଦଳୀ ଶରୀରକୁ ଫିଟ୍ ରଖିବା ପାଇଁ ବେଶ୍ ଉପଯୋଗୀ ରହିଥାଏ



କଦଳୀ ଏକ ଗୁଣକାରୀ ଫଳ। ଏହାଠାରୁ ଆମକୁ କେବଳ ଶକ୍ତି ମିଳେ ନାହିଁ, ଏହା ଶରୀରକୁ ଫିଟ୍ ରଖବା ପାଇଁ ବେଶ ସାହାଯ୍ୟ କରେ। କେତେକ ସାମନ୍ୟ ରୋଗରୁ ବି କଦଳୀ ଆରେଗ୍ୟ କରିପାରେ। ପ୍ରତିଦିନ ଏହାର ସେବନ ଲାଭପ୍ରଦ ରହେ। ଗୋଟିଏ କଦଳୀ ନିରନ୍ତର ଶକ୍ତି ବର୍ଦ୍ଧକ ହୁଏ। କଦଳୀରେ ୩ଟି ପ୍ରାକୃତିକ ସୁଗାର ମିଳେ। ସୁକ୍ରୋଜ, ଫ୍ରକ୍ଟୋଜ, ଓ ଗ୍ଲୁକୋଜ। କଦଳୀରେ ଥାଇମିନ୍, ରିବୋଫ୍ଲେଭିନ୍, ନିୟାସିନ୍ ଓ ଫାଲିକ ଏସିଡ ରୂପରେ ଭିଟାମିନ୍ ଏ ଓ ଭିଟାମିନ୍ ବି ପର୍ଯ୍ୟାପ୍ତ ମାତ୍ରାରେ ମିଳେ। ଏହା ବ୍ୟତିତ କଦଳୀ ଶକ୍ତିର ଭଲ ସ୍ରୋତ କୁହାଯାଏ। ଏଥିରେ ହାରାହାରୀ ୧୦୫ ପ୍ରତିଶତ କ୍ୟାଲୋରୀ ମିଳେ, ଯାହା ଶରୀରକୁ ସବୁ ପ୍ରକାର ଦୁର୍ବଳତାରୁ ବଞ୍ଚାଏ। ଯଦି ଆପଣ କସରତ କରିବା ପରେ ଥକି ଯାଉଛନ୍ତି, ତେବେ ତୁରନ୍ତ ଗୋଟିଏ କଦଳୀ ଖାଇ ଦିଅନ୍ତୁ। ଏହା ରକ୍ତରେ ଗ୍ଲୁକୋଜ ସ୍ତର ବଢାଇ ତୁରନ୍ତ ଆପଣଙ୍କୁ ଶକ୍ତି ଦେବ।



କଦଳୀରେ ପୋଟାସିୟମ ର ମାତ୍ରା ଅଧିକ ଥାଏ ଓ ସୋଡିୟମର ମାତ୍ରା ବହୁତ କମଥାଏ। ଯାହାଫଳରେ ଏହା ଆପଣଙ୍କୁ ବ୍ଲଡ ପ୍ରେସରରୁ ନିବୃତି କରିଥାଏ। ଏହା ଶରୀରରେ ଜଳୀୟ ଅଂଶକୁ କେବେ କମି କରିବାକୁ ଦିଏ ନାହିଁ। ଶରୀରକୁ ହୃଦ୍‌ଘାତ ଓ ଷ୍ଟ୍ରୋକ୍ ରୁ ବଞ୍ଚାଏ। କଦଳୀରେ ଏପରି ବହୁତ ତତ୍ୱ ମିଳିଥାଏ ଯାହା ଅମ୍ଳତା ବା ଏସିଡିଟିରୁ ବଞ୍ଚାଏ, ଏହା ପେଟ ଭିତରେ ଏକ ପରସ୍ତ ରେ ରହି ଅଲସର ଆଶଙ୍କାକୁ ବି କମ କରିଥାଏ। କଦଳୀରେ ଫାଇବର ବି ଥାଏ। ଯାହାଦ୍ୱାରା ପାଚନ କ୍ରିୟା ମଜବୁତ ହୁଏ। ଗ୍ୟାଷ୍ଟ୍ରିକ୍ ରୋଗ ପାଇଁ କଦଳୀ ବେଶ ପ୍ରଭାବଶାଳୀ ଉପଚାର ଅଟେ।

# ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକର ବୁଟ

*ଆଧୁନିକ ଯୁଗରେ ମଣିଷ ଏତେ କାର୍ଯ୍ୟ ବ୍ୟସ୍ତ ଯେ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଭୁଲି ଯାଇଥାଏ ନଚେତ ସମୟ ଅଭାବରୁ ସ୍ୱାସ୍ଥ୍ୟକୁ ଅଣଦେଖା କରିଥାଏ । ଏହିଭଳି ସ୍ଥିତିରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ଆମ ଘରେ ଏମିତି ଅନେକ ଜିନିଷ ଥାଏ ଯାହା ଜରିଆରେ ଆମେ ଆମ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇପାରିବା । ସେଥିରୁ ଗୋଟିଏ ହେଲା ବୁଟ । ବୁଟ ସାଧାରଣତଃ ସମସ୍ତଙ୍କ ଘରେ ଉପଲବ୍ଧ । ବୁଟର ଅନେକ ଗୁଣ ଅଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ହିତକର ଛ ବୁଟ ଓଜନ କମ କରିବାରେ ସହାୟକ ହୋଇଥାଏ । ବୁଟ କୋଲେଷ୍ଟ୍ରୋଲ ଲେଭଲ କମ କରିବାରେ ମଧ୍ୟ ସହାୟକ ହୋଇଥାଏ ।*



**ବୁଟର କାନ କାନ ଫାଇଦା ଅଛି ଜାଣନ୍ତୁ :**

ବୁଟରେ ବହୁ ପରିମାଣରେ ପ୍ରୋଟିନ ରହିଛି । ବୁଟରେ ଫାଇବର ରହିଛି ଯାହା ସହଜରେ ହଜମ ମଧ୍ୟ ହୋଇଥାଏ ।

ଯେଉଁମାନଙ୍କୁ ନିଜ ଶକ୍ତି ବୃଦ୍ଧି କରିବାର ଥାଏ କିମ୍ବା ଯେଉଁମାନେ ଜିମ ଯାଉଥାନ୍ତି ସେମାନଙ୍କୁ ବୁଟ ଖାଇବାକୁ ପରାମର୍ଶ ଦିଆଯାଇଥାଏ ।

ଯଦି ଆପଣଙ୍କ ଓଜନ କମ ଅଛି ଏବଂ ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ଆପଣ ଗୁଡ ସହିତ ବୁଟ ମିଶାଇ ଖାଇପାରିବେ ।

ଅନେକ ଲୋକ ବୁଟ, କ୍ଷୀର ଓ ଗୁଡ ମିଶାଇ ଖାଇଥାନ୍ତି । ଏହାଦ୍ୱାରା ଓଜନ ବଢିବା ସହ ମାଂସପେଶୀ ମଧ୍ୟ ସୁଦୃଢ ହୋଇଥାଏ ଏବଂ ହାଡ ଶକ୍ତ ହୋଇଥାଏ ।

ବୁଟରେ ବହୁ ମାତ୍ରାରେ କ୍ୟାଲସିୟମ ରହିଛି ସେଥିପାଇଁ ଶିଶୁଙ୍କୁ ମଧ୍ୟ ବୁଟ ଦେବା ଉଚିତ । ବଢ଼ିଲା ଶିଶୁଙ୍କ ପାଇଁ ବୁଟ ଅତ୍ୟନ୍ତ ଉପାଦେୟ । ଏହା ବଢ଼ିଲା ଶିଶୁଙ୍କ ମଧ୍ୟରେ ଆବଶ୍ୟକୀୟ ପ୍ରୋଟିନ ଓ ଏନେର୍ଜି ପୁରା କରିଥାଏ ।

ସିଝା ବୁଟ କିମ୍ବା ଗଜା ବୁଟ ଅତ୍ୟନ୍ତ ହିତକର । ଏହାଦ୍ୱାରା ଏଞ୍ଜାଇମ୍ସ ମିଳିଥାଏ ଓ ସହଜରେ ହଜମ ମଧ୍ୟ ହୋଇଥାଏ ।

ବୁଟ ଶରୀରରେ ଥିବା ଅନାବଶ୍ୟକ ଜଳକୁ ହାର୍ଡ କରିଥାଏ । ଶ୍ୱାସ ରୋଗୀ, ଏଲର୍ଜୀ ଥିବା ରୋଗୀ, କିମ୍ବା ଯେଉଁମାନଙ୍କର ବହୁତ ସ୍ୱଲିଙ୍ଗ ହୋଇଥାଏ ସେମାନେ ଅଟାରେ ବୁଟ ଅଟା ମିଶାଇ ଖାଇବା ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ । ଏହାଦ୍ୱାରା ସ୍ୱଲିଙ୍ଗ ମଧ୍ୟ କମିଯାଇଥାଏ ।

ବୁଟରେ ଆଇରନ ମଧ୍ୟ ରହିଛି । ବୁଟ ସହିତ ଗୁଡ ଖାଇଲେ ଆଇରନ ଶରୀରରେ ଆଇରନ ଅଭାବ ଦେଖା ଦେଇନଥାଏ ।

ବୁଟକୁ ଗୁଣ୍ଡ କରି ଅଟାରେ ମିଶାଇ ପ୍ରତିଦିନ ଖାଇଲେ ଓଜନ କେବେ ମଧ୍ୟ ବଢ଼ିନଥାଏ ବୋଲି କୁହାଯାଏ ।

ମଧୁମେହ ରୋଗୀଙ୍କ ପାଇଁ ସୁଗାର ଲେଭଲ ନିୟନ୍ତ୍ରଣ କରିବା ପାଇଁ ବୁଟ ଓ ବୁଟ ଅଟାରେ ତିଆରି ରୁଟି ଖାଇବାକୁ ପରାମର୍ଶ ଦିଆଯାଇଥାଏ ।

**ଚେହେରାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମହିଳା ଦାମୀଦାମୀ ଫେସିଆଲ୍ କରିଥାନ୍ତି । କିନ୍ତୁ ଅନେକ ସମୟରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ । ଫଳରେ ଆପଣଙ୍କ ସମୟ ଓ ପଇସା, ଉଭୟ ବର୍ବାଦ ହୋଇଥାଏ । କିନ୍ତୁ ଆମେ ଆପଣଙ୍କୁ କହିବୁ ଏମିତି ଏକ ଉପାୟ; ଯେଉଁଥିପାଇଁ ନା ଯିବାକୁ ପଡ଼ିବ ପାର୍ଲର୍ ନା ଖର୍ଚ୍ଚ କରିବାକୁ ପଡ଼ିବ ପଇସା । ଘରେ ବସି ବେଶ୍ ସହଜ ଓ ସରଳ ଉପାୟରେ ଏହି ଟିପ୍ସକୁ ଫଲୋ କରି ଫେସିଆଲ୍ କରିପାରିବେ...**



# ଫେସ୍ ଫେସିଆଲ

୧- ଫେସ୍‌ୱାସ୍: ଫେସିଆଲ୍ କରିବା ପୂର୍ବରୁ ପ୍ରଥମେ ଚେହେରାକୁ କୌଣସି ହର୍ବାଲ୍ ଫେସ୍‌ୱାସ୍ ଜରିଆରେ ଧୋଇଦିଅନ୍ତୁ । ଏହାଦ୍ୱାରା ଚେହେରାରେ ଲାଗିଥିବା ଧୂଳି ମଳି ପରିଷ୍କାର ହୋଇଯିବ ।

୨- କ୍ଲିନ୍‌ଜିଂ: ଚେହେରାକୁ ଭଲଭାବେ ପରିଷ୍କାର କରିବାକୁ କିଛି କ୍ଷୀରକୁ ତୁଳାରେ ବୁଡ଼ାଇ ଭଲଭାବେ ଘଷନ୍ତୁ ।

୩-ସ୍କ୍ରବ୍: ଚେହେରାରେ ୨-୩ ମିନିଟ୍ ପାଇଁ ହାଲ୍‌କା ହାତରେ ସ୍କ୍ରବ୍ କରନ୍ତୁ । ଏହାଦ୍ୱାରା ଶୁଷ୍କ ତ୍ୱଚା ପରିଷ୍କାର ହୋଇଥାଏ । ଏଥିପାଇଁ ଆପଣ ଚିନି କିମ୍ବା ଚାଉଳ ଗୁଣ୍ଡକୁ ବ୍ୟବହାର କରିପାରିବେ ।

୪- ମସାଜ୍: ମସାଜ୍ କରିବା ଦ୍ୱାରା ରକ୍ତ ସ*ାଳନ ଭଲ ହୋଇଥାଏ । ତ୍ୱଚାରେ ଜମିଥିବା ମଇଳା ମସାଜ୍ ଦ୍ୱାରା ସହଜରେ ବାହାରି ଯାଇଥାଏ । ଏଥିପାଇଁ ଆପଣ ମଲାଇ କିମ୍ବା ଅଲିଭ୍ ତେଲକୁ ବ୍ୟବହାର କରିପାରିବେ । ଏହାଦ୍ୱାରା ଚେହେରାର ଚମକ ଆସିଥାଏ । ଏହାସହ ଅବସାଦ ମଧ୍ୟ ଦୂର ହୁଏ ।

୫- ଷ୍ଟିମ୍(ବାମ୍ଫ): ଏହାପରେ ଷ୍ଟିମ୍ ବା ବାମ୍ଫ ନେବାକୁ ଭୁଲନ୍ତୁ ନାହିଁ । ଷ୍ଟିମ୍ ନେବାକୁ ଷ୍ଟିମର୍ ବା କୌଣସି ବାସନରେ ଗରମ ପାଣି ଆଣି ଚେହେରାରେ ବାମ୍ଫ ଦିଅନ୍ତୁ । କିନ୍ତୁ ମନେରଖିବେ ଯେତେବେଳେ ବି ବାମ୍ଫ ନେବେ ସେତେବେଳେ ତଉଲିଆ ସାହାଯ୍ୟରେ ମୁଣ୍ଡକୁ ଭଲଭାବେ ବାନ୍ଧିଦେବେ ।

୬- ଫେସ୍‌ପ୍ୟାକ୍: ହଳଦୀ ଓ ବେସନ ମିଶ୍ରିତ ଫେସ୍‌ପ୍ୟାକ୍ ଚେହେରା ପାଇଁ ବେଶ୍ ପ୍ରଭାବଶାଳୀ । ଏହା ତ୍ୱଚାର ମଇଳାକୁ ପରିଷ୍କାର କରିବାରେ ରାମବାଣ ଭଳି କାମ କରିଥାଏ । ୩ ଚାମଚ ବେସନ, କିଛି ହଳଦୀ ଓ ଏକ ଚାମଚ କ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଫେସ୍‌ପ୍ୟାକ୍ ଭାବେ ମୁହଁରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ଏହାପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ । ଦେଖିବେ ଚେହେରାର ରଙ୍ଗ କିଭଳି ତାଜା ଓ ଚମକ୍‌ଦାର ଦେଖାଯିବ ।





# ସକାଳୁ ଉଷୁମ ପାଣିରେ ଟିକେ କଳା ଲୁଣ ପକାଇ ପିଅନ୍ତୁ

ଆଜିକାଲି ଏସିଡିଟି ବା ଗ୍ୟାସ ସମସ୍ୟା ଏକ ସାଧାରଣ କଥା। ଏହାର ଆମର ଜୀବନଶୈଳୀର ପରିବର୍ତ୍ତନ ଯୋଗୁଁ ହେଉଛି। ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଦିନରାତି ପଇସା ପାଇଁ ଧାଇଁଥାଆନ୍ତି। ସେମାନେ ନିଜର ଖାଇବା ପିଇବା କଥା ମଧ୍ୟ ଭୁଲି ଯାଇଥାଆନ୍ତି। ଫଳରେ ନାନାଦି ଶାରୀରିକ ସମସ୍ୟା ହୋଇଥାଏ। ତେବେ ଆଜି ଆମେ ଏପରି ଏକ ଟିପ୍ସ ଦେବାକୁ ଯାଉଛୁ ଯେଉଁଥିରେ ସବୁ ସମସ୍ୟାର ସାମଧାନ ହୋଇଯିବ।

ଆପଣ ସବୁଦିନ ଖାଇବାରେ ଧଳା ଲୁଣ ବ୍ୟବହାର କରୁଥିବେ। କାରଣ ଲୁଣ ବିନା ଖାଇବା ସାଧାରଣରେ ସମ୍ଭବ ନୁହେଁ। ଆଜି ଆମେ ଧଳା ଲୁଣ ନୁହେଁ, କଳା ଲୁଣ ବିଷୟରେ କହିବୁ ଯାହାର ଅନେକ କିଛି ଫାଇଦା ରହିଛି।

ପ୍ରକୃତରେ କଳାଲୁଣକୁ ଆର୍ଯ୍ୟୁବେଦିକ ମସଲା ରୂପରେ ବ୍ୟବହାର କରାଯାଏ। ଏହା କବ୍ଜ , ପେଟ ଗଡବଡ, ପେଟ ଫୁଲିବା, ମୋଟା ହେବା , ଥାଇରାଏଡ ପରି ବହୁ ସମସ୍ୟାରେ ଉପଯୋଗୀ ହୋଇଥାଏ। ଆପଣ ଯଦି ଏକ ସୁସ୍ଥ ଜୀବନ ଜୀଇଁବାକୁ ଚାହୁଁଛନ୍ତି, ଆଜିରେ କଳା ଲୁଣରେ ପାଣି ମିଶାଇ ପିଇବା ଆରମ୍ଭ କରି ଦିଅନ୍ତୁ।

କଳାଲୁଣ ମିଶ ପାଣି ପିଇଲେ ସୁଗାର ପରି ରୋଗ ମଧ୍ୟ ଠିକ୍ ହୋଇଯାଏ। କିନ୍ତୁ କଳାଲୁଣ ଟିକେ ଲିମିଟ୍‌ରେ ବ୍ୟବହାର କରିବା ଉଚିତ।

କଳାଲୁଣ ନିୟମିତ ବ୍ୟବହାର କଲେ ପାଚଳ କ୍ରିୟା ଭଲ ହୋଇଥାଏ। ମୁହଁରୁ ଲାଲ ଦାଗ ଦୂରେଇ ଥାଏ। କଳାଲୁଣ ଆମ ପେଟ ଠିକ୍ ରଖିଥାଏ। ଯେତେ ଅଧିକା ଖାଇଦେଇଥିଲେ ବି କଳାଲୁଣ ଟିକେ ସେବନ କରିଦେଲେ ସେ ସବୁ ହଜମ ହୋଇଯାଇଥାଏ। ଏହା ଛଡା ଏହା ମୋଟାପଣ ମଧ୍ୟ ଦୂରେଇ ଦେଇଥାଏ।

ଧଳାଲୁଣ ବ୍ୟବହାର କଲେ କିଛି ବି ଫାଇଦା ହୁଏ ନାହିଁ। ଏହା କେବଳ ସ୍ୱାଦ ବଢାଇବା କାମ କରେ। କିନ୍ତୁ କଳାଲୁଣ ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ। କଳାଲୁଣ ସେବନରେ ମାଂସପେଶୀ ମଧ୍ୟ ନଷ୍ଟ ହୁଏ ନାହିଁ।

କଳାଲୁଣକୁ ଏକ ସୁତା କପଡାରେ ବାନ୍ଧି ପୀଡା ହେଉଥିବା ଅଙ୍ଗରେ ବାନ୍ଧି ଦେଲେ ଆରାମ ଲାଗିଥାଏ। ଏହା ଛଡା ଗ୍ୟାସର ସମସ୍ୟା ଥିଲେ ସକାଳୁ ଏକ ମାଟି ପାତ୍ରରେ କଳା ଲୁଣ ଟିକେ ମିଶାଇ ପାଣି ଦେଇ ଗରମ କରନ୍ତୁ ପାଣିରେ ଲୁଣ ମିଶିଗଲେ ଏହାକୁ ପିଇ ଦିଅନ୍ତୁ। ଏହାକୁ ପିଇଲେ ଗ୍ୟାସ ଦୂରେଇ ଯିବା ସହ ପେଟ ହାଲକା ଲାଗିଥାଏ।

# ଘରେ ପ୍ରସ୍ତୁତ କରନ୍ତୁ ଲିପ୍‌ଷ୍ଟିକ୍



**ଓଠର ସୌନ୍ଦର୍ଯ୍ୟ ପାଇଁ ମହିଳାମାନେ ଲିପ୍‌ଷ୍ଟିକ୍ ଏବଂ ଲିପ୍‌ବାମ୍ ବ୍ୟବହାର କରିଥାନ୍ତି । ତେବେ ଏହାର ବ୍ୟବହାର ହେବା ଦ୍ୱାରା ଓଠ କଳା ପଡ଼ି ଫାଟିବାକୁ ଲାଗିଥାଏ । ଏହା ବ୍ୟତୀତ ଋତୁ ପରିବ□ନ ଏବଂ ଖାଇବା ଠିକ୍ ନ ରହିଲେ ଓଠ ମଧ୍ୟ କଳା ପଡ଼ି ଯାଏ । ଏପରି ସ୍ଥଳେ ଘରୋଇ ଉପାୟରେ ଓଠକୁ ନରମ ଓ ମୁଲାୟମ୍ କରନ୍ତୁ । ଏଥିପାଇଁ ଓଠକୁ ପ୍ରଥମେ ସ୍କ୍ରବ୍ କରିବା ମଧ୍ୟ ଆବଶ୍ୟକ । ଯଦ୍ଦ୍ୱାରା ଫାଟ ଓ କଳା ଓଠ ଠିକ୍ ହୋଇଥାଏ**

**ବିଟ୍ ଓ ଗ୍ଲିସରିନ୍**

ପ୍ରାକୃତିକ ଉପାୟରେ ଓଠକୁ ଗୋଲାପୀ କରିବାକୁ ଚାହୁଁଥିଲେ ବିଟ୍‌ର ବ୍ୟବହାର କରିପାରିବେ । ବିଟ୍ ରସରେ ୧ ଛୋଟ ଚାମଚ ଗ୍ଲିସରିନ୍ ଏବଂ ଭିଟାମିନ୍ ଇ'ର ଗୋଟିଏ କ୍ୟାପ୍‌ସୁଲ୍ ପକାଇ ଭଲ ଭାବେ ମିକ୍ସ କରନ୍ତୁ ଏବଂ ଏହାକୁ ଓଠରେ ଲିପ୍‌ଷ୍ଟିକ୍ ପରି ଲଗାନ୍ତୁ । ବିଟ୍‌ରେ ଭିଟାମିନ୍ ଓ ମିନେରାଲ୍ ଥାଏ । ଏହାକୁ ଲଗାଇବା ଦ୍ୱାରା ଏହାର ରଙ୍ଗ ବଦଳିଯାଏ । ଗ୍ଲିସରିନ୍‌ରେ ଓଠର ମୃତକୋଷ ଦୂର ହୋଇଥାଏ ଓ ଭିଟାମିନ୍ କ୍ୟାପ୍‌ସୁଲ୍‌ରେ ଓଠ ତାଜା ଲାଗିଥାଏ । ରାତିରେ ଶୋଇବା ପୂର୍ବରୁ ଏହାକୁ ଓଠରେ ଲଗାଇ ଦିଅନ୍ତୁ । ସକାଳ ହେବା ମାତ୍ରେ ଓଠ ପିଙ୍କ୍ ହୋଇଯିବ । ଲିପ୍‌ଷ୍ଟିକ୍ ଲଗାଇବା ମଧ୍ୟ ଆବଶ୍ୟକ ହେବ ନାହିଁ ।

# ଓଡ଼ିଶା ସଂଦେଶ

ଭୁବନେଶ୍ୱର, ଜୁଲାଇ ୪-୧୦,୨୦୨୨




## ସେପ୍ଟେମ୍ବର-ଅକ୍ଟୋବରରେ ଜାତୀୟ କ୍ରୀଡା

ନୂଆଦିଲ୍ଲୀ: ବିଭିନ୍ନ କାରଣ ପାଇଁ ଅନେକ ଥର ସ୍ଥଗିତ ରହିଥିବା ଜାତୀୟ କ୍ରୀଡା ଚଳିତ ବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ଆୟୋଜିତ ହେବାକୁ ଆପାତତଃ ସ୍ଥିର ହୋଇଛି। ଏହି କ୍ରୀଡାର ୩୬ତମ ସଂସ୍କରଣ ଗୁଜରାଟରେ ଆୟୋଜନ କରିବାକୁ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଯୋଜନା କରୁଛି ବୋଲି ସଂଘର ସମ୍ପାଦକ ରାଜୀବ ମେହେଟ୍ଟା ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଗୁଜରାଟ ଅଲିମ୍ପିକ୍ ସଂଘ ଓ ରାଜ୍ୟ ସରକାର ଆଗ୍ରହ ଦେଖାଇଛନ୍ତି। ''ଗୁଜରାଟ ସରକାର ଓ ସେଠାକାର ଅଲିମ୍ପିକ୍ ସଂଘ ଏହି ପ୍ରତିଯୋଗିତା ଆୟୋଜନ କରିବା ଲାଗି ଇଚ୍ଛୁକ ଥିବା ନେଇ ଆମକୁ ଚିଠି ଦେଇଛନ୍ତି। ଆମେ ସେମାନଙ୍କ ଏହି ପ୍ରସ୍ତାବକୁ ଗ୍ରହଣ କରିଛୁ। ମୋର ବିଶ୍ୱାସ ଚଳିତ ବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ଆୟୋଜନ କରିବୁ। ତାରିଖ ଯଥା ଶିଘ୍ର ଘୋଷଣା କରିବୁ। ବହୁଦିନ ଏହି ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଥିବାରୁ ଖୁସି'' ବୋଲି ମେହେଟ୍ଟା କହିଛନ୍ତି। ୨୦୧୫ରେ କେରଳ ଓ ୨୦୧୬ରେ ଗୋଆରେ ଜାତୀୟ କ୍ରୀଡା ଆୟୋଜିତ ହୋଇଥିଲା ବେଳେ ଏହା ପରଠୁ ବିଭିନ୍ନ କାରଣରୁ ସ୍ଥଗିତ ରହିଥିଲା।

## ଏସୀୟ ପଦକ ବିଜୟିନୀ ପୂଭାମ୍ମା ୩ ମାସ ବାସନ୍ଦ




ନୂଆଦିଲ୍ଲୀ: ଗତବର୍ଷ ଏକ ଡୋପ୍ ପରୀକ୍ଷାରେ ବିଫଳ ହୋଇଥିବା ଭାରତୀୟ ବରିଷ୍ଠ କ୍ୱାର୍ଟର ମାଇଲର ତଥା ଏସୀୟ କ୍ରୀଡା ପଦକ ବିଜୟିନୀ ଏମ୍ଆର୍ ପୂଭାମ୍ମା ୩ ମାସ ପାଇଁ ବାସନ୍ଦ ହୋଇଛନ୍ତି। ଜାତୀୟ ଡୋପିଂ ନିରୋଧୀ ସଂସ୍ଥା (ନାଡା) ପୂଭାମ୍ମାଙ୍କ ଉପରେ ଏହି ବାସନ୍ଦାଦେଶ ଲାଗୁ କରିଛି। ଗତବର୍ଷ ଫେବ୍ରୁଆରିରେ ପଟିଆଲାରେ ଆୟୋଜିତ ଇଣ୍ଡିଆନ୍ ଗ୍ରାଁ ପ୍ରି ଅବସରରେ ୩୨ ବର୍ଷୀୟା ପୂଭାମ୍ମାଙ୍କ ନମୂନା ସଂଗ୍ରହ କରାଯାଇଥିଲା। ତାଙ୍କ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଥିଲା। ଏଥିପାଇଁ ଏବେ ପୂଭାମ୍ମାଙ୍କୁ ବାସନ୍ଦ କରାଯାଇଛି ବୋଲି ଭାରତୀୟ ଦୌଡକୁଦ ସଂଘ ସଭାପତି ଆଦିଲେ ସୁମରିୱାଲା ସ୍ପଷ୍ଟ କରିଛନ୍ତି।

ଏହି ବାସନ୍ଦାଦେଶ ପୂଭାମ୍ମାଙ୍କ ପାଇଁ ବିଶ୍ୱ ଚାମ୍ପିଅନସିପ୍ (ଜୁଲାଇ ୧୪-୨୪)ରେ ଭାଗନେବାରେ ପ୍ରତିବନ୍ଧକ ସୃଷ୍ଟି କରିବ। ପୂଭାମ୍ମା ଭାରତ ପାଇଁ ଏକାଧିକ ପଦକ ଜିତିଛନ୍ତି। ୨୦୧୮ ଏସୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ବିଜେତା ୪ ଗୁଣା ୪୦୦ ମିଟର ମହିଳା ଏବଂ ମିଶ୍ରିତ ରିଲେ ଦଳର ସଦସ୍ୟା ଥିଲା ବେଳେ ୨୦୧୪ ଏସୀୟ କ୍ରୀଡାରେ ସ୍ୱର୍ଣ୍ଣ ଜିତିଥିବା ୪ ଗୁଣା ୪୦୦ ମିଟର ରିଲେ ଦଳର ମଧ୍ୟ ଅଂଶବିଶେଷ ଥିଲେ। ସେ ମଧ୍ୟ ୨୦୧୨ ଏସୀୟ କ୍ରୀଡାରେ ବ୍ୟକ୍ତିଗତ ୪୦୦ ମିଟରରେ କାଂସ୍ୟ ପଦକ ଜିତିଥିଲା ବେଳେ ୨୦୧୫ରେ ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇଥିଲେ। ଗତବର୍ଷ ମାର୍ଚ୍ଚରେ ତିରୁଅନନ୍ତପୁରମ୍ଠାରେ ଇଣ୍ଡିଆନ୍ ଗ୍ରାଁ ପ୍ରିରେ ଋତୁ ଶ୍ରେଷ୍ଠ ସମୟ (୫୨.୪୪ ସେକେଣ୍ଡ) ସହ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିଲା ବେଳେ ଏପ୍ରିଲରେ ଫେଡେରେସନ୍ କପ୍‌ରେ ୫୨.୭୦ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

## ଭାରତୀୟ ଯୁବା ଭଲିବଲ୍ ଦଳରେ ସ୍ନେହମୟୀ, ମାମାଲି




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): କାଜକସ୍ତାନର ନୁର ସୁଲତାନଠାରେ ଚଳିତ ମାସ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ୨୧ତମ ଏସୀୟ ମହିଳା ଭଲିବଲ୍ ପ୍ରତିଯୋଗିତା। ଏହି ପ୍ରତିଯୋଗିତା ଲାଗି ୧୬ ଜଣିଆ ଭାରତୀୟ ଦଳ ସେଠାକୁ ଗସ୍ତ କରିଛି। ଏହି ଦଳରେ ଦୁଇ ଜଣ ଓଡିଆ କିସ୍‌ର ସ୍ନେହମୟୀ କିଷାନ ଏବଂ ଭୁବନେଶ୍ୱର କ୍ରୀଡା ଛାତ୍ରାବାସର ମାମାଲି ନାଗ ରହିଛନ୍ତି। ସମ୍ଭାବ୍ୟ ୨୦ ଜଣ ଖେଳାଳିଙ୍କୁ ନେଇ କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରୁ ୧୨ ଜଣ ଖେଳାଳିଙ୍କୁ ଚୂଡାନ୍ତ ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଭାରତୀୟ ଦଳରେ ସ୍ଥାନ ପାଇଥିବା ଦୁଇ ଓଡିଆଙ୍କ ସହ ସମସ୍ତ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଭାରତୀୟ ଭଲିବଲ୍ ମହାସଂଘର ସଭାପତି ଅଚ୍ୟୁତ ସମାନ୍ତ ଶୁଭେଚ୍ଛା ସହ ସଫଳତା ଲାଗି ଶୁଭକାମନା ଜଣାଇଛନ୍ତି।

ଭାରତୀୟ ଦଳ: ଅଲ୍‌ପାନା, ଗୋପିକା ଗୁଣଶେକରନ, ସୁଷମା ସ', ଲାବନ୍ୟ ଚନ୍ଦ୍ରୁ, ସ୍ନେହମୟୀ କିଷାନ, ଏଲିନା ବିଜୁ, ପ୍ରିସା ପେଲିନ, ପ୍ରେରଣା ପାଲ (ଅଧିନାୟିକା), ଦେବସ୍ମିତା ମଲ୍ଲିକ, ଅନୁଦେବୀ, ମାମାଲି ନାଗ, ସାଥୀ ଦାସ, ଅଶୋକ କୁମାର ଚକ୍ର (ମୁଖ୍ୟ ପ୍ରଶିକ୍ଷକ), ରାଧିକା ପାରୁଚୁରି, କ୍ରିଷ୍ଣା ପ୍ରସାଦ କୋସାରି (ସହପ୍ରଶିକ୍ଷକ), ଗଲା ମୈତ୍ରି ମନିଷ (ଫିଜିଓଥେରାପିଷ୍ଟ)।

## 'ଏକ ଭାରତ ଶ୍ରେଷ୍ଠ ଭାରତ' ଅନ୍ତର୍ଗତ 'ଛାତ୍ର ବିନିମୟ କାର୍ଯ୍ୟକ୍ରମ'




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): 'ଆଜାଦି କା ଅମୃତ ମହୋତ୍ସବ' (ଏକେଏମ) - 'ଏକ ଭାରତ ଶ୍ରେଷ୍ଠ ଭାରତ' (ଇବିଏସବି) ଅନ୍ତର୍ଗତ 'ଛାତ୍ର ବିନିମୟ କାର୍ଯ୍ୟକ୍ରମ' ମାଧ୍ୟମରେ ଓଡ଼ିଶାରୁ ୨୫ ଜଣ ଛାତ୍ରଛାତ୍ରୀ ଓ ୦୨ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଏକ ପ୍ରତିନିଧି ଦଳ ମହାରାଷ୍ଟ୍ରର ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ମହାରାଷ୍ଟ୍ରର ଭାଷା, ସଂସ୍କୃତି, ଶିକ୍ଷା ବ୍ୟବସ୍ଥା, ପର୍ଯ୍ୟଟନ ସ୍ଥଳୀ ଇତ୍ୟାଦି ଉପରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବେ । ଏହି ୨୫ ଜଣିଆ ଟିମ ରାଜ୍ୟ ସରକାରଙ୍କ ସହଯୋଗରେ ଶିକ୍ଷା ବିଭାଗର ଦୁଇ ଅଧିକାରୀ ଶ୍ରୀ ଶଶଧର ନାୟକ ଏବଂ ଡ. ସୁଜାତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଇଣ୍ଡିଗୋ ଏୟାରଲାଇନ୍ସ ଯୋଗେ ମୁମ୍ବାଇ ଗସ୍ତ କରିଛନ୍ତି। ଠାକୁର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ମୁମ୍ବାଇ, ମହାରାଷ୍ଟ୍ରଠାରେ ଏହି ଦଳ ପାଇଁ ରହିବାର ସମସ୍ତ ବ୍ୟବସ୍ଥା କରାଯାଇଛି । ସମ୍ପୃକ୍ତ ପ୍ରଦିନିଧି ଦଳ ଆସନ୍ତା ଜୁଲାଇ ୪ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ । ଓଡ଼ିଶା ଏବଂ ମହାରାଷ୍ଟ୍ର 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅଧୀନରେ ସହଯୋଗୀ ରାଜ୍ୟ ଭାବେ ପରସ୍ପର ସହ ସମ୍ପର୍କ ସ୍ଥାପନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।




## ଗର୍ଭବତୀ ହେବା ଜଣକର ବ୍ୟକ୍ତିଗତ ନିଷ୍ପତ୍ତି : ଦିୟା



ନିଜର ବ୍ୟବସାୟୀ ପ୍ରେମିକ ବୈଭବ ରେଖୀଙ୍କୁ ଫେବ୍ରୁଆରି ୧୫, ୨୦୨୧ ତାରିଖରେ ବିବାହ କରିଥିଲେ ବଲିଉଡ ଅଭିନେତ୍ରୀ ଦିୟା ମିର୍ଜା। ତାଙ୍କ ବିବାହରେ ମାତ୍ର ଅଳ୍ପ କେଇ ଜଣ ସଂପର୍କୀୟ ଓ ଶୁଭେଚ୍ଛୁ ଉପସ୍ଥିତ ରହିଥିଲେ। ଏହି ଯୋଡି ୨୦୨୦ଠାରୁ ପରସ୍ପରଙ୍କୁ ଡେଟିଂ କରୁଥିଲେ ବୋଲି ପୂର୍ବରୁ ସୋସିଆଲ୍ ମିଡିଆରେ ଚର୍ଚ୍ଚା ହୋଇଥିଲା। ଏହାପରେ ଦୁହେଁ ପରସ୍ପରକୁ ବିବାହ କରିଥିଲେ। ଏହା ଦିୟାଙ୍କ ଦ୍ୱିତୀୟ ବିବାହ ଥିଲା। ତେବେ ବିବାହର କିଛି ଦିନ ପରେ ଦିୟା ଗର୍ଭବତୀ ଥିବା ଜଣାପଡିଥିଲା। ଜୁଲାଇ ମାସରେ ଅର୍ଥାତ ବିବାହର ୫ ମାସ ଭିତରେ ସେ ସନ୍ତାନକୁ ଜନ୍ମ ଦେଇଥିଲେ। ଏହା ପରେ ସେ ବିବାହ ପୂର୍ବରୁ ଗର୍ଭବତୀ ଥିବା ଜଣାପଡିବାରୁ ଲୋକେ ତାଙ୍କୁ ଟ୍ରୋଲ କରିଥିଲେ। ଏବେ ଦିୟା ଏ ନେଇ ମୁହଁ ଖୋଲିବା ସହ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଏବଂ ଗର୍ଭବତୀ ହେବା ଜଣକର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି କହିଛନ୍ତି। ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଦିୟା କହିଛନ୍ତି ଯେ, ମୁଁ ଭାବୁଛି ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଏବଂ ଗର୍ଭବତୀ ହେବା ଜଣକର ବ୍ୟକ୍ତିଗତ ପସନ୍ଦ। ଯେତେବେଳେ ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ବ୍ୟକ୍ତିଗତ ପସନ୍ଦର ଶକ୍ତି ବିଷୟରେ କଥା ଆସେ, ଏହାକୁ କେବଳ ସେହିମାନେ କରିପାରିବେ, ଯେଉଁମାନେ ବ୍ୟକ୍ତିଗତ ନିଷ୍ପତ୍ତି ନେବାକୁ ଭୟ କରନ୍ତି ନାହିଁ। କେତେକ ଲୋକ ବିବାହ ପୂର୍ବରୁ ଶାରିରୀକ ସମ୍ପର୍କ ଏବଂ ବିବାହ ପୂର୍ବରୁ ଗର୍ଭଧାରଣକୁ ଭୁଲ ଭାବୁଥିବା ବେଳେ କିଛି ଏହାକୁ ଠିକ ବୋଲି ଭାବନ୍ତି। ଆମେ ନିଜକୁ ଯେତିକି ପ୍ରଗତିଶୀଳ ଭାବୁଛୁ ସେତିକି ହୋଇପାରିଛେ ବୋଲି ମୁଁ ଭାବୁ ନାହିଁ। ତାଙ୍କର ଏଭଳି ବୟାନକୁ ନେଇ କିଛି ଲୋକ ତାଙ୍କୁ ସମର୍ଥନ କରିଥିବା ବେଳେ କିଛି ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି।

## ନିଜ ଗୋଡ଼ରେ ଠିଆ ହୋଇ ଲୋକପ୍ରିୟତା ସାଉଁଟିଲେ ସୋନାଲି



କୌଣସି କଳାକାର ପୃଷ୍ଠଭୂମି ନଥାଇ ମଧ୍ୟ ଅଭିନେତ୍ରୀ ସୋନାଲି ସେଗାଲ ନିଜ ଗୋଡ଼ରେ ସିନେ ଦୁନିଆର ଯାଦୁ ନଗରୀରେ ତିଷ୍ଠି ରହିବାରେ ସକ୍ଷମ ହୋଇଛନ୍ତି। କୋଲକାତାରେ ୧୯୮୯ ମେ ୧ରେ ଜନ୍ମିତ ସୋନାଲିଙ୍କର ବାଲ୍ୟଜୀବନ ଅତ୍ୟନ୍ତ ଦୁର୍ବିଷହମୟ। ତେବେ ପିତାଙ୍କ ଠାରୁ ବିଚ୍ଛେଦ ହୋଇ କର୍ମଜୀବୀ ମାଆଙ୍କ ଦ୍ୱାରା ପ୍ରତିପାଳିତ ସୋନାଲି ଇଂରେଜୀ ସମ୍ମାନରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ଦାମ୍ପତ୍ୟ ଝଡ଼କୁ ସାହସର ସହ ସାମନା କରି ତାଙ୍କ ମାଆ ସୋନାଲିଙ୍କୁ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ଅନୁଭବ କରିବା ପାଇଁ ସୁଯୋଗ ଦେଇନଥିଲେ।ସେଥିପାଇଁ ଆଜି ଯାହା ବି କିଛି ହୋଇଛନ୍ତି, ସୋନାଲି ତାହାର ଶ୍ରେୟ ମାଆଙ୍କୁ ଦିଅନ୍ତି। ପିଲାଟି ଦିନୁ ଜଣେ ମଡେଲ ହେବାକୁ ସ୍ୱପ୍ନ ଦେଖିଥିବା ସୋନାଲି ୨୦୦୬ରେ ଫେମିନା ଭାରତ ସୁନ୍ଦରୀ (ଆନ୍ତର୍ଜାତିକ) ମୁକୁଟ ଜିତିଲା ପରେ ଆନ୍ତର୍ଜାତିକ ସୁନ୍ଦରୀ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏଥିରେ ସେ ଶୀର୍ଷ ୧୨ ଜଣଙ୍କ ମଧ୍ୟରେ ରହିଥିଲେ। ଏହାପରେ ସେ ୨୦୦୮ରେ ବାସ୍ତବଧର୍ମୀ ଟିଭି ଧାରାବାହିକ 'ଦାଦାଗିରି'ରେ ଉପସ୍ଥାପିକା ସାଜିଥିଲେ। ଏଥି ସହିତ ସଂଖ୍ୟାଧିକ ନାମୀ ଦାମୀ କମ୍ପାନିର ବିଜ୍ଞାପନରେ ମଧ୍ୟ ସେ ଦେଖାଦେଇଥିଲେ।

## ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ



### ୨୦ଟି ସ୍ଥାନରେ ଭାଗ ନେଉଛନ୍ତି ୫୭୯୪ ପ୍ରତିଯୋଗୀ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି। ୨୦ଟି ସ୍ଥାନରେ ଅନୁଷ୍ଠିତ ଏହି ଚୟନ ପ୍ରକ୍ରିୟା ଚଳିତ ନଅ' ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଚୟନ ପ୍ରକ୍ରିୟାରେ ମୋଟ ୫୭୯୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଆଥଲେଟିକ୍ସ, ଫୁଟବଲ, ଭଲିବଲ, ଖୋ-ଖୋ, ସନ୍ତରଣ, ଭାରୋତୋଳନ ଏବଂ କବାଡି ଆଦି କ୍ରୀଡ଼ା ଶୃଙ୍ଖଳ ଲାଗି ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଥିବାବେଳେ ବାସ୍କେଟବଲ, ହକି, ଜୁଡୋ, ଜିମନାଷ୍ଟିକ, କୁସ୍ତି ଏବଂ ତୀରନ୍ଦାଜ ଆଦି ଶୃଙ୍ଖଳରେ ଜିଲ୍ଲା ତଥା ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଥଲେଟିକ୍ସ ଓ ଭଲିବଲ ଲାଗି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ଏହି ଦୁଇ କ୍ରୀଡ଼ା ଶୃଙ୍ଖଳ ସହ କବାଡି ଓ ଫୁଟବଲ ଲାଗି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗାମୀ ଦିନରେ ଜିଲ୍ଲାସ୍ତରରୁ କୃତୀ ପ୍ରତିଯୋଗୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ।

## ଗୋଟିଏ ଓଭରରୁ ସର୍ବାଧିକ ରନ୍: ଭାରତୀୟଙ୍କ ନାଁରେ ତିନିଟି ଯାକ ଫର୍ମାଟ୍ କୀର୍ତ୍ତିମାନ



ବର୍ମିଂହାମ: ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଗୋଟିଏ ଓଭରରୁ ୩୫ ରନ୍ ଅମଳ କରି ଭାରତର କାମଚଳା ଅଧିନାୟକ ଯଶପ୍ରୀତ ବୁମ୍‌ରା ବର୍ମିଂହାମ ଟେଷ୍ଟ୍‌ରେ ବିଶ୍ୱ କୀର୍ତ୍ତିମାନ କରିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ମହାନ କ୍ରିକେଟର୍ ବ୍ରାଏନ ଲାରାଙ୍କୁ ଟପି ଟେଷ୍ଟ୍ କ୍ରିକେଟ୍‌ରେ ଗୋଟିଏ ଓଭରରୁ ସର୍ବାଧିକ ରନ୍ ସଂଗ୍ରହ କରିବାର କୀର୍ତ୍ତିମାନ ନିଜ ନାଁରେ କରି ନେଇଛନ୍ତି ସେ। ତେବେ କେବଳ ଟେଷ୍ଟ୍ ନୁହେଁ କ୍ରିକେଟ୍‌ର ଅନ୍ୟ ଦୁଇ ଫର୍ମାଟ୍ ଯଥା ଏକଦିବସୀୟ ଏବଂ ଟ୍ୱେଣ୍ଟି-୨୦ର ଗୋଟିଏ ଓଭରରୁ ସର୍ବାଧିକ ରନ୍ ସଂଗ୍ରହ କରିବାର କୀର୍ତ୍ତିମାନ ବି ଭାରତୀୟଙ୍କ ନାଁ'ରେ ରହିଛି। ଆଉ ଏହି ଦୁଇ ଭାରତୀୟ ହେଉଛନ୍ତି ଯୁବରାଜ ସିଂହ ଏବଂ ଯଶକରଣ ମାଲହୋତ୍ରା। ବଡ କଥା ହେଲା ଦୁଇଟି କୀର୍ତ୍ତିମାନ (ଟେଷ୍ଟ୍ ଓ ଏକଦିବସୀୟ) ବ୍ରଡ୍‌ଙ୍କ ଓଭରରୁ ହିଁ ଆସିଛି।

୨୦୦୭ ମସିହାର ପ୍ରଥମ ଟ୍‌ୱେଣ୍ଟି-୨୦ ବିଶ୍ୱକପ୍‌ରେ ଯୁବରାଜ ତାଙ୍କର ଗୋଟିଏ ଓଭରରୁ ୬ ଛକା ମାରି ୩୬ ରନ୍ ସଂଗ୍ରହ କରିଥିଲେ। ଯାହା ଆଜି ବି ଟ୍ୱେଣ୍ଟି-୨୦ର ସବୁଠୁ ମହଙ୍ଗା ଓଭର ହୋଇରହିଛି। ଅନ୍ୟପକ୍ଷରେ ଏକଦିବସୀୟ କ୍ରିକେଟ୍‌ର ଗୋଟିଏ ଓଭରରୁ ସର୍ବାଧିକ ରନ୍ କରିବାର କୀର୍ତ୍ତିମାନ ଆମେରିକାର ଭାରତୀୟ ବଂଶୋଦ୍ଭବ କ୍ରିକେଟର ଯଶକରଣଙ୍କ ନାଁ'ରେ ରହିଛି। ପାପୁଆ ନ୍ୟୁଗିନି ବିପକ୍ଷରେ ଗୋଟିଏ ଓଭରରୁ ୩୬ ରନ୍ କରିଥିଲେ ସେ। ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ଯଶକରଣ ହିମାଚଳ ରଣଜୀ ଦଳର ନେତୃତ୍ୱ ନେଇଥିଲେ।

ତେବେ ୨୦୧୮ ମସିହାରେ ଆମେରିକା ଚାଲିଯାଇ ସେଠାକାର ଜାତୀୟ କ୍ରିକେଟ୍ ଦଳରୁ ଖେଳିବାର ସୁଯୋଗ ପାଇଥିଲେ। ଅବଶ୍ୟ ୨୦୦୭ ମସିହା ଏକଦିବସୀୟ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ହରସେଲ ଗିବ୍ସ ଅନଭିଜ୍ଞ ନେଦରଲାଣ୍ଡର ଦ୍ରୁତ ବୋଲର ଡିଏଲ୍‌ଏସ୍ ଭାନ୍ ବଙ୍ଗେଙ୍କ ଗୋଟିଏ ଓଭରରୁ ୬ ଛକା ମାରି ୩୬ ରନ୍ ଅମଳ କରିଥିଲେ। ଯଶକରଣ ୨୦୨୧ରେ ଗିବ୍ସଙ୍କ ସମକକ୍ଷ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁବାଇ ଇନଭେଷ୍ଟର୍ସଙ୍କୁ ...

ଗ୍ରୁପ୍ ର ଇବ୍ରାହିମ୍ ସରାଫଙ୍କୁ ସେ ଭେଟିଛନ୍ତି। ଲଜିଷ୍ଟିକ୍ କ୍ଷେତ୍ରରେ ସରାଫ ଗ୍ରୁପ୍ ପୁଞ୍ଜି ନିବେଶ କରିବ ।ସେହିପରି ଇନଭେଷ୍ଟର୍ସ ମିଟ୍‌ରେ କ୍ୱେତ୍ ର ଏନବିଟିସି ଗ୍ରୁପର ଏମଡି କେଜି ଆବ୍ରାହାମ୍ ଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶାରେ ଏନବିଟିସି ଗ୍ରୁପ ୟୁରିଆ ପ୍ଲାଣ୍ଟରେ ୫ହଜାର କୋଟି ନିବେଶ କରିବ । ଏହା ବ୍ୟତୀତ ଭୁବନେଶ୍ୱର ଆଇସିଟି କ୍ୟାମ୍ପସରେ ୧୦୦୦ କୋଟି ନିବେଶ କରିବ ତବ୍ରିଦ୍ ଗ୍ରୁପ। ତବ୍ରିଦ୍ ଗ୍ରୁପର ଏମଡି ୟୁସୁଫ୍ ଅଲ୍ ହମାଦି ଙ୍କୁ ଭେଟିବା ପରେ ପ୍ରକଳ୍ପ ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ...

ଅର୍ଥମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ପେନଡ୍ରାଇଭ ପ୍ରଦାନ କରିଥିବା ବେଳେ ଏଥିରେ ରହିଛି ୨ ଲକ୍ଷ କୋଟି ଟଙ୍କାର ବଜେଟର ବିସ୍ତୃତ ତଥ୍ୟ। ଏହାପରେ ଅର୍ଥ ମନ୍ତ୍ରୀ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଙ୍କୁ ତାଙ୍କ ବିଧାନ ସଭା ପ୍ରକୋଷ୍ଠରେ ଭେଟି ୨୦୨୨-୨୩ ମସିହାର ବାର୍ଷିକ ବଜେଟ ପ୍ରଦାନ କରିଛନ୍ତି।

### କୃଷି ଓ କୃଷକ ସଶକ୍ତିକରଣ...

କ୍ଷେତ୍ର ଅଧିକାରୀଙ୍କ ସହିତ ସିଧାସଳଖ ବୈଠକର ଆୟୋଜନ କରାଯିବ । ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ସମୀକ୍ଷା ହେବା ସହିତ ଫାର୍ମ ପଣ୍ଡଗୁଡ଼ିକର ବହୁମୁଖୀ ଉପଯୋଗିତା ଓ ସମନ୍ୱିତ କୃଷିକୁ ପ୍ରୋତ୍ସାହିତ କରିବା ଦିଗରେ ଜିଲ୍ଲା ସଦର ମହକୁମା ସ୍ତରରେ ପ୍ରତିମାସରେ କୃଷି, ମତ୍ସ୍ୟ, ପ୍ରାଣୀସଂପଦ ବିକାଶ, ମୃତ୍ତିକା ସଂରକ୍ଷଣ, ପଂଚାୟତିରାଜ, ମିଶନ ଶକ୍ତି ଓ ରାଜସ୍ୱ ବିଭାଗ ସହ ମିଳିତ ବୈଠକ କରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଜିଲ୍ଲା ସ୍ତରର ଅଧିକାରୀଙ୍କ ଦ୍ୱାରା ବ୍ୟାପକ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ରେନ୍‌ଫେଡ୍ ଏରିଆ ଡେଭଲପ୍‌ମେଂଟ, ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଂଟ କର୍ପୋରେସନ୍, ଜିଲ୍ଲା ଖଣିଜ ପାଣ୍ଠି ଏବଂ ରିୱାର୍ଡ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସଂପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ସଂଜୀବ ଚୋପ୍ରା ଓ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଆପିକଲ, ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ଓଡ଼ିଶାର ପ୍ରଗତିଶୀଳ, ...

ବଜେଟ୍ ବରାଦ କରିଛନ୍ତି । ଏହା ରାଜ୍ୟର ୭୦ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାଧିନତାକୁ ଅଧିକ ସୁଦୃଢ କରିବ। ଭବିଷ୍ୟତରେ କୌଣସି ଦୁର୍ବିପାକ ବେଳେ ଆର୍ଥିକ ମୁକାବିଲା ପାଇଁ ସରକାର 'ବଜେଟ୍ ଷ୍ଟାବିଲାଇଜେସନ ଫଣ୍ଡ' ଗଠନ କରିଛନ୍ତି । ଯାହା ସଙ୍କଟ ସମୟରେ ରାଜ୍ୟର ଆର୍ଥିକ ପରିଚାଳନାକୁ ଆହୁରି ସୁଦୃଢ କରିବ। ୫ -ଟି ଓ ମୋ ସରକାର ଆଧାରରେ ବଜେଟ ପ୍ରସ୍ତୁତ ହୋଇଛି। ଏ ବଜେଟ୍ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ନିଶ୍ଚୟ ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଆଠ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଦର୍ଶନୀର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ





ପୁରୀ/ ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ପୁରୀ ଠାରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ଆୟୋଜିତ ଏକ ପ୍ରଦର୍ଶନୀ ଉଦଘାଟିତ ହୋଇଛି । ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ 'ଆଜାଦୀ କା ଅମୃତ ମହୋତ୍ସବ' ଏବଂ ନରେନ୍ଦ୍ର ମୋଦୀ ସରକାରଙ୍କ '୮ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ' ବିଷୟବସ୍ତୁକୁ ନେଇ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ପ୍ରଦର୍ଶନୀରେ ବିଗତ ୮ ବର୍ଷ ମଧ୍ୟରେ ଦେଶର ବିକାଶ ଏବଂ ଦେଶବାସୀଙ୍କ କଲ୍ୟାଣ ପାଇଁ ମୋଦୀ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ପାଇଁ ସୂଚନା ପ୍ରଦର୍ଶିତ ହୋଇଛି । ଏହାକୁ ଉଦଘାଟନ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଏହି ପ୍ରଦର୍ଶନୀରେ ସୁଶାସନ ଓ ସରକାରୀ ଯୋଜନା ସମ୍ପର୍କରେ ସୁନ୍ଦର ଉପସ୍ଥାପନା କରାଯାଇଛି । ଲୋକମାନେ ଏଥିରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ୮ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ଉପରେ ସଚେତନତା ସୃଷ୍ଟି ପାଇଁ ଏକ ପ୍ରଚାର ଗାଡ଼ିକୁ ମଧ୍ୟ ସବୁଜ ପତାକା ଦେଇ ଶୁଭାରମ୍ଭ କରିଥିଲେ ।

ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସମେତ ତିନି ଜଣ କେନ୍ଦ୍ର ମନ୍ତ୍ରୀ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ସାମିଲ ହୋଇଥିଲେ । କେନ୍ଦ୍ର ରେଳ, ସଞ୍ଚାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଜନଜାତି ବ୍ୟାପାର, ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ଶ୍ରୀକ୍ଷେତ୍ରରେ ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିଥିଲେ ।

ଅନ୍ୟପକ୍ଷରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରଥପାଖକୁ ଯାଇ ଠାକୁରଙ୍କ ପହଣ୍ଡି ଦେଖିଥିଲେ । ରଥଚକକୁ ଛୁଇଁ ମୁଣ୍ଡିଆ ମାରିଥିଲେ । ସେ କହିଥିଲେ, ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସୁନ୍ଦର ବ୍ୟବସ୍ଥା ମଧ୍ୟରେ ରଥଯାତ୍ରା ଆୟୋଜନ କରାଯାଉଛି । ଏହି ଅବସରରେ ସେ ସମସ୍ତଙ୍କୁ ରଥଯାତ୍ରାର ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ।

# ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ହ୍ରାସ ସଚେତନ ଅଭିଯାନରେ ସାମିଲ ହେଲେ ଧର୍ମେନ୍ଦ୍ର



ପୁରୀ, (ସଂଦେଶ ବ୍ୟୁରୋ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରଥଯାତ୍ରାରେ ସାମିଲ ହେବା ଅବସରରେ ସାମାଜିକ ସଂଗଠନ "ଆମେ ଓଡ଼ିଆ" ପକ୍ଷରୁ ଆୟୋଜିତ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ହ୍ରାସ କରିବା ପାଇଁ ଜନସଚେତନ ଅଭିଯାନରେ ସାମିଲ ହୋଇଥିଲେ ।

ଏହି ଅବସରରେ ଶ୍ରୀ ପ୍ରଧାନ ଆମେ ଓଡ଼ିଆ ପରିବାରର ସ୍ୱେଚ୍ଛାସେବୀଙ୍କ ସହ ପ୍ଲାଷ୍ଟିକ୍ ସଫେଇ କରି ସେମାନଙ୍କ ମନୋବଳ ଦୃଢ଼ କରିଥିଲେ । ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କୁ ରଥଯାତ୍ରାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଅଭିଯାନରେ ସାମିଲ ପାଇଁ ସାଧୁବାଦ ଜଣାଇବା ସହ କହିଛନ୍ତି ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ପରିବେଶ ପାଇଁ କ୍ଷତିକାରକ । ଏ ସବୁ ଲୋକମାନେ ବର୍ଜନ କରିବା ସହ ଅଭ୍ୟାସରେ ପରିଣତ କରିବା ଦରକାର । ଭାରତ ସରକାର ମଧ୍ୟ ଏହି ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ସାମଗ୍ରୀକୁ ବନ୍ଦ କରିବା ଉପରେ ଆଜି ଠାରୁ ନିଷ୍ପତି ନେଇଛନ୍ତି । ରଥ ଦେଖିବା ପାଇଁ ପୁରୀକୁ ଆସୁଥିବା ଅଗଣିତ ଭକ୍ତମାନେ ମଧ୍ୟ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ କରିବା ସହ ତାହାର ପୁନଃବ୍ୟବହାର ଓ ରିସାଇକ୍ଲିଂ କରିବା ପାଇଁ ଆରମ୍ଭ ହୋଇଥିବା ଜନଆନ୍ଦୋଳନରେ ସାମିଲ ହେବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି । ଏହି ଅଭିଯାନରେ ନିଜକୁ ସାମିଲ କରିଥିବା ଓ ସୋସିଆଲ ମିଡ଼ିଆରେ ସମର୍ଥନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ରଥଯାତ୍ରା ଅବସରରେ ପୁରୀ ଶରଧାବାଲି ଠାରେ ଭାରତ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ମୋଦି ସରକାରଙ୍କ ୮ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଏକ ପ୍ରଦର୍ଶନକୁ ଉଦଘାଟନ କରି ଖୁସିବ୍ୟକ୍ତ କରିଥିଲେ ।

# ଓଡ଼ିଶା ଖୁବ୍ ଶୀଘ୍ର ଅଣ୍ଡା ଓ କୁକୁଡ଼ା ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବ :ରଣେନ୍ଦ୍ର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ଗୋପାଳନ ଓ କୁକୁଡ଼ାପାଳନ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଥିବାବେଳେ ଓଡ଼ିଶା ଖୁବ୍ ଶୀଘ୍ର ଅଣ୍ଡା ଓ କୁକୁଡ଼ା ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ପ୍ରାଣୀସଂପଦ ବିକାଶ ବିଭାଗର ଅଧିକାରୀ ଓ ପ୍ରାଣୀ ଚିକିତ୍ସକମାନଙ୍କର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ କିଛି ବର୍ଷ ପୂର୍ବେ ରାଜ୍ୟରେ ଅଣ୍ଡା ଓ ମାଂସ ଉତ୍ପାଦନ ଏବଂ କ୍ଷୀରର ଚାହିଦା ଓ ଘରୋଇ ଉତ୍ପାଦନ ମଧ୍ୟରେ ବୃହତ ବ୍ୟବଧାନ




ଥିବାସ୍ଥଳେ ରାଜ୍ୟ ସରକାରଙ୍କ ପ୍ରାଣୀସଂପଦ ବିକାଶ ନୀତିର ସଫଳ ରୂପାୟନ ଦ୍ୱାରା ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇବା ସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଆୟରେ ବୃଦ୍ଧି ଘଟିଛି । ସେହିପରି ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୨୦୧୩-୧୪ ମସିହାରରୁ ୧୧୭ ଗ୍ରାମରୁ ୧୪୪ ଗ୍ରାମକୁ ବୃଦ୍ଧି ପାଇଛି । ତେବେ ଅନ୍ୟ ରାଜ୍ୟ ତୁଳନାରେ ଦ୍ରୁତର ଉପଲବ୍ଧତାକୁ ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି, ଯେପରି ରାଜ୍ୟର ଲୋକମାନେ ପୁଷ୍ଟିକର ଦୁଗ୍ଧ ଅଧିକ ପରିମାଣରେ ପାଇପାରିବେ । ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ବାରିଅଗଣା କୁକୁଡ଼ା ପାଳନକୁ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି । ୨୦୨୧-୨୨ ବର୍ଷରେ ବାରିଅଗଣାରେ କୁକୁଡ଼ା ପାଳନ ନିମନ୍ତେ ୨୩ ହଜାର ପରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୨୦୨୨-୨୩ ବର୍ଷରେ ଏହି ଲକ୍ଷ୍ୟକୁ ୫୦ ହଜାର ପରିବାରକୁ ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ପ୍ରାଣୀସଂପଦ ବିକାଶ ଦିଗରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର କ୍ଷେତ୍ରସ୍ତରେ ନିୟମିତ ତଦାରଖ ଓ ସମୀକ୍ଷା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିବା ସହ ଅଧିକାରୀମାନଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଜିଲ୍ଲା ଚିକିତ୍ସା ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ହିତାଧିକାରୀମାନଙ୍କର ଅଭାବ ଅସୁବିଧା ସଂପର୍କରେ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସାମାଜିକ ଗଣମାଧ୍ୟମର ଅଧିକ ଉପଯୋଗ କରି ପ୍ରାଣୀସଂପଦ ବିକାଶ ଦିଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

## ରାଜ୍ୟରେ ଏକଲବ୍ୟ ମଡେଲ ସ୍କୁଲର କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

# ଓଡିଶାକୁ ମିଳିବ ସର୍ବାଧିକ ଏକଲବ୍ୟ ମଡେଲ ସ୍କୁଲ:ବିଶ୍ୱେଶ୍ୱର

ଭୁବନେଶ୍ୱର, (ପିଆଇବି): କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ରାଜ୍ୟ ଅତିଥିଭବନରେ ଓଡିଶାରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି । ଉକ୍ତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ବିଭାଗ, ଜଙ୍ଗଲ ବିଭାଗ, କାର୍ଯ୍ୟନିର୍ବାହୀ ଏଜେନ୍ସି, ଏଚ୍‌ସିଏଲ, ଇପିଆଇଏଲର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦାସର୍ବଦା ଓଡିଆ ଓ ଜନଜାତିଙ୍କ ହିତଲାଗି ବିଭିନ୍ନ ଯୋଜନା କରିଥାନ୍ତି । ୨୦୨୪ସୁଦ୍ଧା ମୋଦୀ ସରକାର ବନବାସୀ ପିଲାଙ୍କ ଲାଗି ଯେଉଁ




ସ୍ୱପ୍ନ ଦେଖିଥିଲେ ତାହା ଖୁବଶୀଘ୍ର ସଫଳ ହେବ ବୋଲି ଶ୍ରୀ ଟୁଡୁ କହିଛନ୍ତି । କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଓଡିଶାକୁ ଦେଶରେ ସର୍ବାଧିକ ୮୭ ଏକଲବ୍ୟ ସ୍କୁଲ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି । ଏଥି ସହିତ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୯ଟି ଏକଲବ୍ୟ ସ୍କୁଲର ଭୂମି ପୂଜନ ସରିଛି ଯାହା ଦେଶରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହିସାବରେ ୧ନଂ ସ୍ଥାନରେ ଅଛି । ଏପର୍ଯ୍ୟନ୍ତ ଓଡିଶାରେ ୪୫ଟି ଏକଲବ୍ୟ ସ୍କୁଲର ଭୂମିପୂଜନ କାର୍ଯ୍ୟକ୍ରମ ସରିଛି ବୋଲି ଶ୍ରୀ ଟୁଡୁ ସୂଚନା ଦେଇଛନ୍ତି ।

# ବଜେଟ୍ ବର୍ହିଭୂତ ସମ୍ବଳ ଉତ୍ସରୁ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯିବ: ନିରଞ୍ଜନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ନିରଂଜନ ପୂଜାରୀ ବିଧାନସଭାର ମୌସୁମୀ ଅଧିବେଶନରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବର୍ଷ ପାଇଁ ମୋଟ କାର୍ଯ୍ୟକ୍ରମ ବ୍ୟୟବରାଦ ୧ ଲକ୍ଷ କୋଟି ଟଙ୍କା ହେବ , ଯାହା ବଜେଟ୍ ଆକାରର ୫୦% ରଖାଯାଇଛି । ଏହା ବ୍ୟତୀତ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ବଜେଟ୍ ବର୍ହିଭୂତ ସମ୍ବଳ ଉତ୍ସରୁ ୧୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ । ସେହିପରି ଏହି ଆର୍ଥିକ ବର୍ଷ ଲାଗି ପ୍ରଶାସନିକ ରାଜସ୍ୱ ବ୍ୟୟ ବାବଦକୁ ୭୪,୨୬୧ କୋଟିଟଙ୍କା ବ୍ୟୟ କରିବାର ପ୍ରସ୍ତାବ ରହିଛି । ଯେଉଁଥିରେ ଦରମା, ପେନସନ୍ , ସୁଧ ଦେୟ ଓ ପୁଂଜି ସମ୍ପତିର ରକ୍ଷଣାବେକ୍ଷଣା ଲାଗି ଯଥାକ୍ରମେ ୨୯,୨୪୮ କୋଟି , ୧୮, ୨୨୧ କୋଟି , ୮,୪୬୭ କୋଟି ଏବଂ ୫,୮୫୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେହିପରି ଡିଜାଷ୍ଟର ରିସ୍କ ମ୍ୟାନେଜମେଂଟ ଫଣ୍ଡ ପାଇଁ ୩,୨୧୦ କୋଟି ଟଙ୍କା



ଏବଂ ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥା ପାଇଁ ୭,୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଉକ୍ତ ବର୍ଷ ଲାଗି ପୁଂଜି ବ୍ୟୟ ଅଟକଳ ୨୫,୭୩୨କୋଟି ଟଙ୍କା ଯାହା ସମଗ୍ର ରାଜ୍ୟ ଘରୋଇ ଉତ୍ପାଦର ୫.୪ ପ୍ରତିଶତ ରହିଛି । ଏହା ବିଗତ ବର୍ଷ ତୁଳନାରେ ୫୬ ପ୍ରତିଶତ ଅଧିକ ଅଟେ । ଅତିରିକ୍ତ ଋଣ ଓ ଅଗ୍ରୀମ , ପୁଂଜି ସମ୍ପତି ସୃଷ୍ଟି ପାଇଁ ଅନୁଦାନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୧୧,୯୩୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ରାଜ୍ୟ ଘରୋଇ ଉତ୍ପାଦର ୧.୭ % । ବ୍ୟୟ ଅଟକଳ ପାଇଁ ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ ୧,୬୩, ୯୬୭ କୋଟି ଟଙ୍କା ଓ ଋଣ ଏବଂ ଅନ୍ୟାନ୍ୟ ବାବଦରୁ ମିଳିଥିବା ୩୬,୦୩୩ କୋଟି ଟଙ୍କାରୁ ଭରଣା କରାଯିବ । ୨୦୨୨-୨୩ବର୍ଷ ପାଇଁ ଆକଳନ କରାଯାଇଥିବା ମୋଟ ରାଜସ୍ୱ ପ୍ରାପ୍ତି ମଧ୍ୟରେ କେନ୍ଦ୍ରୀୟ ଟିକସ ଉପରେ ରାଜ୍ୟର ଅଂଶ ଭାବେ ୩୬,୯୭୮ କୋଟି ଟଙ୍କା , ରାଜ୍ୟର ନିଜସ୍ୱ ଟିକସ ୪୬ ହଜାର କୋଟି , ନିଜସ୍ୱ ଅଣଟିକସ ରାଜସ୍ୱ ୪୮,୨୦୦ କୋଟି ଟଙ୍କାର ଓ କେନ୍ଦ୍ରୀୟ ଅନୁଦାନ ବାବଦକୁ ମିଳିବାକୁ ଥିବା ୩୨,୭୮୯ କୋଟି ଟଙ୍କା ଅର୍ନ୍ତଭୁକ୍ତ ।

## ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

# ଫଟୋଚିତ୍ର ଦର୍ଶକମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିବ: ପ୍ରଦୀପ



ପୁରୀ, (ସଂଦେଶ ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ପୁରୀଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି । ଗତ ୩୦ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠଠାରେ ପଲ୍ଲୀଶ୍ରୀ ମେଳା ପରିସରରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ଶ୍ରୀ ଅମାତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ପରେ ଜଗନ୍ନାଥ ସଂସ୍କୃତି ଏବଂ ରାଜ୍ୟର ବିକାଶଧାରାକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିବାରୁ ଏହା ଦର୍ଶକମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିବ ବୋଲି ପ୍ରକାଶ କରିଥିଲେ । ଏହି ପ୍ରଦର୍ଶନୀ ଆଜିଠାରୁ ଆସନ୍ତା ଜୁଲାଇ ୯ ତାରିଖ(ବାହୁଡାଯାତ୍ରା) ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲାରହିବ । ଓରମାସ୍ ପ୍ରଦର୍ଶନୀ ସହ ଆୟୋଜିତ ଏହି ପ୍ରଦର୍ଶନୀରେ ଉଭୟ ଫଟୋଚିତ୍ର ସହିତ ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ବିକାଶର ଚିତ୍ର ଭିଡିଓ ମାଧ୍ୟମରେ ବଡ ପରଦାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଫଟୋଚିତ୍ର ଚିତ୍ର ଭିଡିଓ ମାଧମରେ ବଡ ପରଦାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଫଟୋଚିତ୍ର ପ୍ରଦର୍ଶନୀ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରାଚୀନ ଚିତ୍ର ଛବି, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ପର୍ବପର୍ବାଣୀ, ଶ୍ରୀଜଗନ୍ନାଥଙ୍କ ବେଶବୈଶିଷ୍ଟ୍ୟ ସହ ବିଭିନ୍ନ ସମୟରେ ହୋଇଥିବା ନବକଳେବରର ବିରଳ ଫଟୋଚିତ୍ର ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିବର୍ତିତ ଚିତ୍ର ସ୍ଥାନୀୟ ହୋଇଛି । ଏହି ଫଟୋଚିତ୍ର ଉଦଘାଟନ ସମୟରେ ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନରାଣୀ ସ୍ୱାଇଁ, ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ (ପ୍ରଦର୍ଶନୀ) ସୂର୍ଯ୍ୟରଂଜନ ମହାନ୍ତି, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ଓ ସହଯୋଗ ଜାରି ରହିବ : ଅଶ୍ୱିନୀ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଭାଷା ବିନା ସଂସ୍କୃତିର ଉତଥାନ ସମ୍ଭବ ନୁହେଁ । ଭାଷା ଓ ସଂସ୍କୃତି ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ । ଓଡିଆ ଭାଷା ଏକ ସମୃଦ୍ଧ ଭାଷା । ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଆମର ମହାମନୀଷୀମାନେ ବହୁ କଷ୍ଟ ସ୍ୱୀକାର କରିଛନ୍ତି । ଓଡିଆ ଭାଷାର ବହୁଳ ବ୍ୟବହାର ସାଙ୍ଗକୁ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ସବୁସ୍ତରରେ ଉଦ୍ୟମ ଓ ସହଯୋଗ ଆବଶ୍ୟକ । ଏ ଦିଗରେ ବିଭାଗୀୟ ମନ୍ତ୍ରୀ ହିସାବରେ ତାଙ୍କର ସମସ୍ତ ପ୍ରଚେଷ୍ଟା ଓ ସହଯୋଗ ଜାରି ରହିବ ବୋଲି ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରକାଶ କରିଛନ୍ତି । ରାଜ୍ୟ ସଂସ୍କୃତି ଭବନ ପରିଦର୍ଶନ ଅବସରରେ ଆୟୋଜିତ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସଂପର୍କିତ ବିଭାଗୀୟ କାର୍ଯ୍ୟର ଅନୁଧାନ କରି ମନ୍ତ୍ରୀସ ଶ୍ରୀ ପାତ୍ର ଏହା କହିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ନୂତନ ଭାବେ ଯୋଗଦାନ ପରେ ସଂସ୍କୃତି ବିଭାଗରେ ପହଁଚିବା ପରେ ତାଙ୍କୁ ବିଭାଗର ଅଧିକାରୀ ଓ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱାଗତ ସଂବର୍ଦ୍ଧନା ଜ୍ଞାପନ କରିଥିଲେ । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢୀ ଏବଂ ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସଙ୍କ ସମେତ ବିଭାଗୀୟ ବିଭିନ୍ନ ଶାଖାର କର୍ମକର୍ତ୍ତା ଓ ଅଧିକାରୀ ମାନେ ଯୋଗଦେଇ ନିଜ ନିଜ ଶାଖାର କାର୍ଯ୍ୟାବଳୀ ସଂପର୍କରେ ତଥ୍ୟ ରଖିବା ସହିତ ଆଗାମୀ ଦିନର ଲକ୍ଷ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ଶ୍ରୀ ରାମକୃଷ୍ଣ ସାହୁ ଓ ଶ୍ରୀମତୀ ମନସ୍ୱିନୀ ସାହୁ, ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଓଡିଶୀ ଗବେଷଣା କେନ୍ଦ୍ର ଶ୍ରୀ ସୁବୋଧ ଆଚାର୍ଯ୍ୟଙ୍କ ସମେତ ବିଭାଗୀୟ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ଓ ଅଧିକାରୀମାନେ ଯୋଗଦେଇଥିଲେ ।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ
Editor :Ajay Das